## ଶିରିଡି ସାଇ ଚାରିଟେବୁଲ ଟ୍ରଷ୍ଟର ରତ୍ନମୁଦ ଉତ୍ସବ

ଟିଟିଲାଗଡ,(ଡି.ଏନ.ଏ.): ଟିଟିଲାଗଡ ନୀଳଚକ୍ର ନଗର ଶିରିଡି ସାଇ ନବ ନିର୍ମିତ ମନ୍ଦିରର ରତ୍ନମୁଦ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚିରାଗ ଜୈନ ଓ ଟ୍ୱିଙ୍କଲ ଜୈନ ରତ୍ନମୁଦ ଉତ୍ସବରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଦୀପକ ସୁବୁଦ୍ଧି ସାଇ ପରାୟଣରେ କର୍ତ୍ତା ହୋଇଥିଲେ। ସାଇ ପରାୟଣ ଏସ.ଭି.ପଟ୍ଟନାୟକ ଓ ସିଦ୍ଧାର୍ଥ ମହାପାତ୍ର କରିଥିଲେ। ଉତ୍ସବରେ ଟ୍ରଷ୍ଟି ପ୍ରଦୀପ ମହାନ୍ତି, ସଭାପତି ଜିତୁ ସାହୁ, ସମ୍ପାଦକ ଦୀପକ ସୁବୁଦ୍ଧି, କୋଷାଧ୍ୟକ୍ଷ ଦିନେଶ ଶର୍ମା, ପ୍ରକାଶ ମହାନ୍ତି, ରଞ୍ଜିତ ଲେଙ୍କା, ମନୋଜ ପଟ୍ଟନାୟକ, ଆଶୁତୋଷ ବାରିକ ଦାୟିତ୍ୱ ସମ୍ପାଦନ କରିଥିଲେ।



## ସଂକ୍ଷେପରେ

### ଓଏଭି ଭରୁଆମୁଣ୍ଡାର ବାର୍ଷିକ ଉତ୍ସବ

ବେଲପଡା,୯।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ବେଲପଡା ଭରୁଆମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ସ୍କୁଲ ଅଧ୍ୟକ୍ଷ ଚକ୍ରଧର ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ ଚଞ୍ଚଳ ରଣା ମୁଖ୍ୟଅତିଥି, ମୁଖ୍ୟବକ୍ତା ଡ.ସଞ୍ଜୟ ମିଶ୍ର, ସମ୍ମାନୀତ ଅତିଥି ପାଟଣାଗଡ ଉପଜିଲାପାଳ ଡ. ବିଜୟାନନ୍ଦ ସେଠୀ, ବେଲପଡା ବିଡିଓ ଭିକ୍ଟର ସୋରେନ, ପଥରଚେପା ଓଏଭିର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର, ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧ୍ୟକ୍ଷ ନବୀନ ମେହେର ଓ ଏବିଇଓ ଚତୁର୍ଭୁଜ ମିର୍ଦ୍ଧା ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ମିଶ୍ର ପୁସ୍ତକଗତ ଶିକ୍ଷା ସହ ଅଞ୍ଚଳର ସଂସ୍କୃତି, ଐତିହ୍ୟ ସମ୍ପର୍କିତ ପୁସ୍ତିକ ପଢିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସ୍କୁଲରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତିମାନଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା।

### ଭାଗବତ ପାରାୟଣ ସପ୍ତାହ

ଖପ୍ରାଖୋଲ,୯।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମା ଏକାଦଶୀ କମିଟି ପକ୍ଷରୁ ସ୍ଥାନୀୟ ପ୍ରହର ମଣ୍ଡପରେ ଚାଲିଥିବା ଭାଗବତ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ବ୍ୟାସଭାବେ ପପୁନ୍ କୁମାର ପଣ୍ଡା ଭାଗବତ ପୁରାଣପାଠ କରିଥିଲେ। ରାଜାରାମ ବେହେରା ଏବଂ ସୁଜାତା ବେହେରା ପୂଜାକର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଶତାଧିକ ଭଗବତ ପ୍ରେମୀ ଏକାଦଶୀ କମିଟି ସଦସ୍ୟ ଉପସ୍ଥିତ ଥିଲେ।

### ଭାଜପା ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଟିଟିଲାଗଡ,୯।୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଜିଲା ପରିଷଦ ଜୋନ ୭ ଏବଂ ୮ ଭାଜପାର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଅଭିମନ୍ୟୁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ଜିଲା ସଭାପତି ଶିବାଜୀ ମହାନ୍ତି ଯୋଗଦେଇ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ଦଳର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ନବୀନ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ଅକ୍ଷୟ ରାଣା, ଆଶିଷ ସାହୁ, ଦିଲୀପ ଖରସେଲ, ନିମାଇଁ ବେହେରା, ବିପିନ ଠାକୁର, ସରପଞ୍ଚ ହରିହର କଟା, ଜିବର୍ଦ୍ଧନ ଖରସେଲ, ସୁଶାନ୍ତ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ।

### ଫୁଟବଲ: ଯୁଗୀରତା, ନାନାଝର ବିଜୟୀ

ମୁରିବାହାଲ,୯।୨(ଡି.ଏନ.ଏ.): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ତେନ୍ତୁଲି ଖୁଣ୍ଟି ବଳବାନ ଲଭ ଷ୍ଟାର କ୍ରୀଡା ସଂଘ ଆନୁକୂଲ୍ୟରେ ଗୁରୁବାର ଘାଟୁ ଭୋଇ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଜୁନାଗଡ ଓ ଯୁଗୀରତା ମଧ୍ୟରେ ହୋଇଥିଲା। ଏଥିରେ ଯୁଗୀରତା ୧-୦ ଗୋଲରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ନାନାଝର ଓ ଟିକିନିବାହାଲି ମଧ୍ୟରେ ହୋଇଥିଲା। ନାନାଝର ୧-୦ଗୋଲରେ ବିଜୟୀ ହୋଇଛି। କ୍ରୀଡ଼ାବିତ ଧନମାଳି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ମାଲିସିରା ସରପଞ୍ଚ ଦେବରାଜ ପାତ୍ର, କ୍ରୀଡ଼ାବିତ କୈବଲ୍ୟ ବେହେରା ଉପସ୍ଥିତ ଥିଲେ।

### ଭିନ୍ନକ୍ଷମ ଛାତ୍ରୀଛାତ୍ର ଚିହ୍ନଟ ଶିବିର

ଖପ୍ରାଖୋଲ,୯।୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ଯୋଗାଣ ନିମନ୍ତେ ବ୍ଲକସ୍ତରୀୟ ଚିହ୍ନଟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବଲାଙ୍ଗୀର ସମଗ୍ର ଶିକ୍ଷା ଅଭିଯାନ ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ପ୍ରଶାନ୍ତ ସରାଫ, ନିରତାର ବଲାଙ୍ଗୀର ଶାଖାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ବିଶେଷଜ୍ଞ ଡା. ସୁରେନ୍ଦ୍ର ଭୋଇ, ଡା. ସୁରଜ କୁମାର ବଡଜେନା, ବଳଭଦ୍ର ଦାଶ ଯୋଗଦେଇ ଥିଲେ। ଶିକ୍ଷକ କୁବିହାରୀ ସରାଫ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୮୦ ଜଣ ସମ୍ପୂର୍ଣ୍ଣ ଦୃଷ୍ଟିବାଧିତ, ଶ୍ରବଣ ବାଧିତ, ମାନସିକ ଅନଗ୍ରସର, ମସ୍ତିଷ୍କ ପକ୍ଷାଘାତ ଆକ୍ରାନ୍ତ ଭିନ୍ନକ୍ଷମ ଚିହ୍ନଟ କରାଯାଇଥିଲା।

# ବଜେଟ ଘୋଷଣା ଅଧିକ, ଖର୍ଚ୍ଚ କମ୍

**ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳପଥ ପ୍ରକଳ୍ପ**

■ଗତ ଦଶନ୍ଧିରେ ବଜେଟ ଘୋଷଣାର ଅଧା ଅର୍ଥ ଖର୍ଚ୍ଚ କରାଯାଇନାହିଁ

ବଲାଙ୍ଗୀର ଅଫିସ, ୯।୨

ବହୁପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ ସମଗ୍ର ଦେଶର ଏକ ବିଳମ୍ବିତ ପ୍ରକଳ୍ପ ଭାବେ ପରିଗଣିତ। ସରକାରୀ ଅବହେଳାର ଏହା ଏକ ଚରମ ନମୂନା। ତେବେ ସରକାରୀ ଅବହେଳା ଏଯାଏ ବନ୍ଦ ହୋଇନାହିଁ। ବରଂ ଏବେ ଏକ ନୂଆ ରୂପରେ ଲୋକଙ୍କୁ ବୋକା ବନାଯାଉଛି। ବଜେଟରେ ଅଧିକ ପରିମାଣର ବ୍ୟୟବରାଦ ଅର୍ଥ ଘୋଷଣା କରିଦେଇ ଢ଼େର କମ୍ ପରିବାରର ଖର୍ଚ୍ଚ କରି ଲୋକଙ୍କୁ ଚୁପ୍ କରାଇବାର ନୂଆ କୌଶଳ ଅବଲମ୍ବନ କରାଯାଉଛି।

ଚଳିତ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପ୍ରକଳ୍ପ ପାଇଁ ରେକର୍ଡ ପରିମାଣ ଅର୍ଥ ୧୫୯୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ୨୦୨୨-୨୩ ବଜେଟରେ ୮୯୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ୧୦୦୦ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। କେନ୍ଦ୍ର ସରକାର ଏହି ଅବହେଳିତ ପ୍ରକଳ୍ପ ପାଇଁ ପ୍ରଚୁର ଟଙ୍କା ବଜେଟ ବ୍ୟୟରେ ଘୋଷଣା କରୁଥିବାବେଳେ ଖର୍ଚ୍ଚ କିନ୍ତୁ କୃପଣ ଭଳି କରୁଛନ୍ତି। ପ୍ରମାଣିତ ତଥ୍ୟ ସହ ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା। ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପଣ୍ଡା କହିଛନ୍ତି ଯେ, ବଜେଟ ବ୍ୟୟ ଘୋଷଣା ପରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥକୁ ସଂଯୋଗ କରୁଥିବା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଉଥିଲା। ମାତ୍ର ଏହି ରେଳପଥ ନିର୍ମାଣ ପାଇଁ କରାଯାଉଥିବା ବାର୍ଷିକ ଖର୍ଚ୍ଚର ପରିମାଣକୁ ଦେଖିଲେ ଏହା ନିରାଶାଜନକ ବୋଲି ପ୍ରତୀୟମାନ ହୋଇଛି। ବଜେଟରେ ଘୋଷଣା କରାଯାଉଥିବା ଅର୍ଥକୁ ପ୍ରକଳ୍ପରେ ବିନିଯୋଗ କରିବା ପାଇଁ କ୍ଷେତ୍ର ପ୍ରସ୍ତୁତି ବିଷୟରେ ଅଜ୍ଞ ରହି ଅନ୍ଧ ଭାବରେ କେବଳ ବ୍ୟୟ ଘୋଷଣା କରିବା ଦ୍ୱାରା ଏଭଳି ସ୍ଥିତି ଉପୁଜିଛି ବୋଲି ପଣ୍ଡା କହିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ପୂର୍ବତଟ ରେଳ କାର୍ଯ୍ୟାଳୟରୁ ପଣ୍ଡାଙ୍କୁ ମିଳିଥିବା ତଥ୍ୟରୁ ଜଣାପଡିଛି ଯେ, ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରକଳ୍ପ ପାଇଁ ବଜେଟ ବ୍ୟୟ ଥିଲା ୮୯୧ କୋଟି ୧୧ ଲକ୍ଷ ଟଙ୍କା । କିନ୍ତୁ ଖର୍ଚ୍ଚ ହୋଇଛି ମାତ୍ର ୨୮୭ କୋଟି ୩୬ ଲକ୍ଷ ଟଙ୍କା। ଯାହାକି ଘୋଷିତ ଅର୍ଥର ମାତ୍ର ୩୨ ପ୍ରତିଶତ । ସେହିପରି ୨୦୨୧-୨୨ ଆର୍ଥିକ ବର୍ଷ ବଜେଟରେ ଘୋଷଣା କରାଯାଇଥିବା ୧ ହଜାର କୋଟି ୫୦ ଲକ୍ଷ ଟଙ୍କାରୁ ଖର୍ଚ୍ଚ କରାଯାଇଛି ମାତ୍ର ୩୭୧ କୋଟି ୮୪ ଲକ୍ଷ ଟଙ୍କା। ଘୋଷିତ ମୂଲ୍ୟର ଏହା ମାତ୍ର ୩୫ ପ୍ରତିଶତ । ବିଗତ ୧୨ ବର୍ଷର ବଜେଟ ଘୋଷଣା ଓ ଖର୍ଚ୍ଚ ସମ୍ପର୍କିତ ତଥ୍ୟକୁ ଅନୁଧ୍ୟାନ କଲେ ସ୍ପଷ୍ଟ ହୋଇଛି ଯେ, ବିଗତ ଦଶନ୍ଧିର ବଜେଟରେ ଘୋଷଣା କରାଯାଇଥିବା ଅର୍ଥରାଶିର ଅର୍ଦ୍ଧେକ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଇନାହିଁ। ବିଗତ ବଜେଟ ମାନଙ୍କରେ ଘୋଷଣା କରିଛନ୍ତି ଯେତିକି ତାଠୁ ଫେରିଛି ଅଧିକ । ଗତ ୨୦୧୧-୧୨ ଆର୍ଥିକ ବର୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସମୁଦାୟ ୧୨ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ ବଲାଙ୍ଗୀର ପ୍ରକଳ୍ପ ପାଇଁ ୪୬୯୨ କୋଟି ଟଙ୍କା ବଜେଟ ଘୋଷଣା କରାଯାଇଥିବା ବେଳେ ଖର୍ଚ୍ଚ କରାଯାଇଛି ମାତ୍ର ୨୦୦୩ କୋଟି ୨୬ ଲକ୍ଷ ଟଙ୍କା। ଘୋଷଣା କରାଯାଇଥିବା ବିପୁଳ ଅର୍ଥରାଶି ପରିମାଣର ଅଧା ମଧ୍ୟ ଖର୍ଚ୍ଚ କରାଯାଇନାହିଁ । ପ୍ରକଳ୍ପ କେବେ ସରିବ ଏହାର ସମୟ ସୀମା ବର୍ତ୍ତମାନ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ଏହି ପ୍ରକଳ୍ପ ୨୦୦୦ ମସିହାରେ କାର୍ଯ୍ୟକ୍ଷମ ହେବ ବୋଲି ପ୍ରଥମେ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ୨୨ ବର୍ଷ ପରେ ମଧ୍ୟ ଏହାକୁ ଶେଷ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା କରାଯାଇ ପାରିନାହିଁ। ଜଙ୍ଗଲ ପରିବେଶ ଷ୍ଟେଜ ୧ ଅନୁମତି ପରେ ସାଢେ ତିନିବର୍ଷ ସମୟ ସୀମା ୧୧୨ କିମିରୁ ୧୮୦ କିମି ପାଇଁ ସ୍ଥିର କରାଯାଇଥିବା ଜଣା ପଡିଛି ବୋଲି ପଣ୍ଡା କହିଛନ୍ତି।

## ବ୍ଲକ ଅଫିସ ସମ୍ମୁଖରେ ଭାଜପାର ବିକ୍ଷୋଭ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରତ ଭାଜପା କର୍ମୀ।

ଟିଟିଲାଗଡ, ୯।୨(ଡି.ଏନ.ଏ.)

ଟିଟିଲାଗଡ଼ ବ୍ଲକରେ ପ୍ରଧାନମନ୍ତ୍ରୀ ଆାସ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରିଛି ଭାଜପା। ଗୁରୁବାର ସ୍ଥାନୀୟ କୁମୁଡା ପାହାଡ଼ ଶୈବ ପୀଠରୁ ଦଳର ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ଦଳର ଜିଲା ସଭାପତି ଶିବାଜୀ ମହାନ୍ତି ଘେରାଉ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସରକାର ସମସ୍ତ ଗରିବଙ୍କୁ ପକ୍କା ଘର ଦେବାପାଇଁ ଯୋଜନା କରିଥିବା ବେଳେ ରାଜ୍ୟ ସରକାର ଥିଲା ବାଲା ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରିଛନ୍ତି। ବର୍ଷାଧିକ କାଳ ହେଲା ପଞ୍ଚାୟତ ସମିତି ବୈଠକ ବସୁନାହିଁ। ବ୍ଲକ ପ୍ରଶାସନ ନିଜ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି। ଜିଲା ସରପଞ୍ଚ ସଂଘ ଅଭିଯୋଗ କଲେ ମଧ୍ୟ ଶୁଣାଯାଉନି। ପ୍ରଧାନମନ୍ତ୍ରୀ ଆବାସ ଦଳୀୟ ଭିତ୍ତିରେ ଦିଆଯାଉଛି। ଏହାର ପ୍ରମାଣ ଆମ ପାଖରେ ଅଛି ବୋଲି ଜିଲା ସଭାପତି ମହାନ୍ତି କହିଥିଲେ। ଦଳର ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ନରସିଂ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦଳର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ନବୀନ ଜୈନ, ଆଲୋକ ନାୟକ ବକ୍ତବ୍ୟ ରଖିଥିଲେ। ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇ ଦିଆଯିବ ବୋଲି ନେତୃବୃନ୍ଦ କହିଥିଲେ। ପରେ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଆଦିବାସୀଙ୍କ ଭାଷାର ସୁରକ୍ଷା କର

**ରାଜ୍ୟ ସଭାରେ ନିରଞ୍ଜନ ବିଶି ଉଠାଇଲେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ**

■କେନ୍ଦୁପତ୍ରରୁ ଜିଏସଟି ଛାଡ଼, ଟିଏସ୍‌ପି ଲାଗୁ ଦାବି କଲେ

■କେବିକେ ଯୋଜନା ପୁନଃ କାର୍ଯ୍ୟକାରୀ କରାଯାଉ

ବଲାଙ୍ଗୀର ଅଫିସ, ୯।୨

ରାଜ୍ୟ ସଭା ବିତର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି ସଦସ୍ୟ ନିରଞ୍ଜନ ବିଶି। ଆଦିବାସୀଙ୍କ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ଏବଂ ଛାଡି ହୋଇଥିବା ଗୋଷ୍ଠୀଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବାକୁ ସେ ଦାବି କରିଛନ୍ତି। କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ କରିବାକୁ କହିଛନ୍ତି। ଓଡିଶାରେ ଥିବା ୬୨ପ୍ରକାର ଆଦିବାସୀ ସମ୍ପ୍ରଦାୟ ମଧ୍ୟରୁ ୧୬୯ ଅଂଶ, ବଂଶ, ଗୋଷ୍ଠୀ ଯଥା ସଅର, ତକ୍ଷମକ୍ଷଡ଼ିଆ, ଭଞ୍ଜପୁରାଣ, କଳଙ୍ଗା, ପହଁରିଆ, ଝୋଡ଼ିଆ, ମାଙ୍କିଡିଆ, ଦୁରୁଆ, ଚୁକଟିଆ ଭୁଞ୍ଜିଆ, ପାଉଡି ଭୁଞ୍ଜିଆ, ଅ ମାନଟିଆ, ବେଲଦାର ଗଣ୍ଡ, ବୁଡୁ କନ୍ଧ, ବୁଢ଼ାକନ୍ଧ, ଭୋକତା, ବୋଡା ଶବର, ବୋଇ ଗଦବା, ବାରେଙ୍ଗା ଝୋଡ଼ିଆ, ପରଜା, ଚେରେଙ୍ଗା କୋଲ୍‌ହ, ଚପୁଅ କମାର, ଏରେଙ୍ଗା ମୁଣ୍ଡା, ଏରେଙ୍ଗା କୋଲ୍‌ହ, ଗୁମ୍ପା କୋୟା, ଯୋଡ଼ିଆ କନ୍ଧ, କନୱାର, ଖଣ୍ଡାୟତ ଭୂୟାଁ, କନ୍ଧିଆ ପ୍ରଭୃତି ଛାଡ଼ି ହୋଇଯାଇଥିବା ଆଦିବାସୀ ଗୋଷ୍ଠୀକୁ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ଦାବି କରିଥିଲେ। ସମ୍ବିଧାନ ପ୍ରଦତ୍ତ ଅଧିକାରରୁ ଉକ୍ତ ଆଦିବାସୀ ଗୋଷ୍ଠୀ ବଞ୍ଚିତ ହେଉଥିବା ଜଣାଇଥିଲେ।

ଓଡିଶାର ୮ ଲକ୍ଷ କେନ୍ଦୁପତ୍ର ତୋଳାଳି, କେନ୍ଦୁପତ୍ର ବନ୍ଧାଳି, ବିଡି ଶ୍ରମିକ, ଅସ୍ଥାୟୀ କର୍ମଚାରୀମାନଙ୍କୁ ଓଡିଶା ସରକାର କେନ୍ଦୁପତ୍ର ଲାଭାଂଶରୁ ବୋନସ, ଛାତ୍ରବୃତ୍ତି, ବିବାହ ସହାୟତା, ପ୍ରୋତ୍ସାହନ ରାଶି, ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। କେନ୍ଦୁପତ୍ର ଶ୍ରମିକଙ୍କ ମଧ୍ୟରେ ଅଧିକାଂଶ ଆଦିବାସୀ। ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ସ୍ୱୀକୃତି ଆଇନ ୨୦୦୬ ଅନୁସାରେ ଆଦିବାସୀମାନେ କେନ୍ଦୁପତ୍ର ଏବଂ ସଂଗ୍ରହ ବିକ୍ରୟ କରିବା ଅଧିକାର ହାସଲ କରିଛନ୍ତି। ଏଥିରୁ କେନ୍ଦ୍ର ସରକାର ତୁରନ୍ତ ୧୮ପ୍ରତିଶତ ଜିଏସ୍‌ଟି ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସାଂସଦ ବିଶି ଦାବି କରିଥିଲେ ଯେ, ଆଦିବାସୀ ଭାଷା ହୋ, ଭୂମିଜ, ମୁଣ୍ଡାରୀକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରାଯାଉ। ଓଡିଶାର ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ଶିକ୍ଷା, ସଂସ୍କୃତିକୁ ଦୃଷ୍ଟିରେ ରଖି ଆଦିବାସୀ ଛାତ୍ରୀଛାତ୍ର ମାନଙ୍କୁ ନିଜ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଆବଶ୍ୟକ। ହୋ, ଭୂମିଜ, ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କଲେ ଉକ୍ତ ସମ୍ପ୍ରଦାୟର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ଓଡିଶାର ଆଦିବାସୀଙ୍କ ବିକାଶ ପାଇଁ ତତ୍କାଳୀନ କେନ୍ଦ୍ର ସରକାର ଆଦିବାସୀ ଉପଯୋଜନା (ଟ୍ରାଇବାଲ ସବ୍‌ପ୍ଲାନ) ଅନୁସୂଚିତ ଜାତିଙ୍କ ବିକାଶ (ଏସସିଏସପି) ଅନୁସୂଚିତ ଜାତି ଉପଯୋଜନା ଏବଂ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟର ବିକାଶ ପାଇଁ (କେବିକେ) ଯୋଜନା କରିଥିଲେ। ଉକ୍ତ ଯୋଜନାକୁ ବର୍ତ୍ତମାନର ସରକାର ବନ୍ଦ କରିଦେଇଛନ୍ତି। ତେଣୁ ତୁରନ୍ତ ଉକ୍ତ ଯୋଜନା ଗୁଡିକୁ କେନ୍ଦ୍ର ସରକାର ଲାଗୁ କରି ପାଣ୍ଠି ପ୍ରଦାନ କରିବାକୁ ସାଂସଦ ବିଶି ଦାବି କରିଛନ୍ତି।



ନିରଞ୍ଜନ ବିଶି।

## ଲୁହାଖାନ ପ୍ରାଥମିକ ବିଦ୍ୟାଳୟରେ ତାଲା

ଦେଓଗାଁ, ୯।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲୁହାଖାନ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ ହୋଇଛି। ଗୁରୁବାର ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସ୍କୁଲ ଗେଟରେ ତାଲା ଦେବା ସହ ଧାରଣା ଦେଇଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଦଳକୁ ବଦଳାଇବା ପାଇଁ ସେମାନେ ଦାବି କରିଥିଲେ। କିଛିଦିନ ତଳେ ପରିଚାଳନା କମିଟି ସଭାପତି ଶ୍ୱେତ କୁମାର ଭାଟୀଙ୍କ ସଭାପତିତ୍ୱରେ କମିଟି ସଦସ୍ୟ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ବସିଥିଲା । ସେଠାରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ମେନୁ ହିସାବରେ ଦିଆଯାଉ ନ ଥିବା ଅଭିଯୋଗ ଉଠିଥିଲା। ଏହାର ତଦରଖ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ପରେ କମିଟି ତଦାରଖ କରିବାରୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନଜରକୁ ଆସିଥିଲା। ଫଳରେ ସର୍ବସମ୍ମତିକ୍ରମେ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିକୁ ବଦଳାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିଲା। ହେଲେ ବିଭାଗ ପଦକ୍ଷେପ ନହେବାରୁ ଗୁରୁବାର ସ୍କୁଲ କମଟି କର୍ମକର୍ତ୍ତା ଓ ଅଭିଭାବକ ସ୍କୁଲଗେଟରେ ତାଲା ପକାଇଥିଲେ। ସମସ୍ୟାର ସମାଧାନ କରା ନ ଗଲେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଛାଡିବୁ ନାହିଁ ଅଭିଭାବକମାନେ ଶୁଣାଇଛନ୍ତି ।

## ଆତ୍ମରକ୍ଷା ତାଲିମ ଶିବିର



ପ୍ରଶିକ୍ଷାର୍ଥୀଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଅଫିସ, ୯।୨

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ସୁଦାମ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲା ନୋଡାଲ ଅଫିସର ସୁଦାମ ଚରଣ ଖମାରୀ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ କିପରି ଆତ୍ମରକ୍ଷା ଉପାୟ ଅବଲମ୍ବନ କରିବାକୁ ହେବ ତାହା କହିଥିଲେ। ଶିବିରକୁ କ୍ରୀଡା ଶିକ୍ଷକ ନରୋତ୍ତମ ସାହୁ ପରିଚାଳନା କରିଥିଲେ। ସ୍ୱର୍ଣ୍ଣପ୍ରଭା ମେହେର ପ୍ରଶିକ୍ଷିକା ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀମାନେ ଅତିଥିଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଶମ୍ଭୁ ପ୍ରସାଦ ଦାଶ ସଂଯୋଜନା କରିଥିଲେ ଓ ପ୍ରାଧ୍ୟାପକ ଦଧିବାବନ ପଧାନ ଧନ୍ୟବାଦ ଦେଇଥିଲେ।

# ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର

ବଲାଙ୍ଗୀର ଅଫିସ, ୯।୨

ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଆଟଗାଁ ହାଇସ୍କୁଲରେ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ପରାମର୍ଶଦାତାଙ୍କ ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଛି। ପ୍ରଧାନଶିକ୍ଷକ ଦିଲୀପ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜୁନିୟର ରେଡକ୍ରସ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଜିଲା ଜୁନିୟର ରେଡକ୍ରସ ଅଧିକାରୀ ସୁବାସ ଚନ୍ଦ୍ର ପଟେଲ ପର୍ଯ୍ୟବେକ୍ଷକ ଦିଗାମ୍ବର ନାଏକ ଓ ନୀଳମଣି ପଟେଲ ଯୋଗ ଦେଇଥିଲେ। ଶିବିରରେ ବଲାଙ୍ଗୀର ଜିଲାରୁ ୩୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜୁନିୟର ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧୀୟ ପାଠ୍ୟକ୍ରମ ଶିକ୍ଷାଦାନ ଦିଆଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ, କନ୍ୟାଭ୍ରୂଣ ହତ୍ୟା ରୋକିବା, ସଡକ ସୁରକ୍ଷା ବିଷୟରେ ସାଧନ କର୍ମୀମାନେ ଜୁନିୟର ରେଡକ୍ରସ ପରାମର୍ଶଦାତାମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ତାଲିମଦାତାଭାବେ ଶରତ ମେହେର, ରାମ ନାରାୟଣ ଦାଶ, ରଶ୍ମିରାଣୀ ଦାଶ, ହେମନ୍ତ ପଧାନ, ଦେବାନନ୍ଦ ଦାଶ, ଘନଶ୍ୟାମ ମେହେର, ସୁରେନ୍ଦ୍ର ନାଏକ କାର୍ଯ୍ୟ ତୁଲାଇଥିଲେ। ସାଧନକର୍ମୀ ବିକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା ଓ ସାଧନ କର୍ମୀ ରବୀନ୍ଦ୍ର ଠେଟୁଆଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ କ୍ଷୀତେଶ୍ୱର ବିଶ୍ୱାଳ, ସୁରେନ୍ଦ୍ର ନାଏକ, ରୋହିତାଶ୍ୱର ଯୋଷୀ, ଜ୍ୟୋସ୍ନା ଭୋଇ, ସନ୍ତୋଷିନୀ ସାହୁ, ପଦ୍ମିନୀ ସାହୁ, ସନାତନ ବାଗ, ନିତେଇ ନାଏକ, ଶ୍ୟାମରାଣୀ ମହାପାତ୍ର, ଗଙ୍ଗାଧର ବଗର୍ତ୍ତି, ପ୍ରେମରାଜ ପଶାୟତ, ରମାକାନ୍ତ ବେହେରା, ଚିନ୍ତାମଣି ବାଗ ସହଯୋଗ କରିଥିଲେ ।



ଜୁନିୟର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିରରେ ଯୋଗଦେଇଥିବା ଅତିଥି, ତାଲିମଦାତା ଓ ଶିକ୍ଷକ।

# ଦାବି ପୂରଣ ଲାଗି ଲଢ଼େଇ ହେବ

**ବିଧାନସଭା ଆଗରୁ ବୁଦ୍ଧିଜୀବୀଙ୍କ ମତ ଲୋଡିଲେ ନରସିଂହ**

ବଲାଙ୍ଗୀର ଅଫିସ, ୯।୨

ପ୍ରତି ବିଧାନସଭା ଅଧିବେଶନ ପୂର୍ବରୁ ବୁଦ୍ଧିଜୀବୀଙ୍କ ଜନମତ ଲୋଡିବା ଭଳି ପରମ୍ପରା ଆରମ୍ଭ କରିଥିବା ବିଧାୟକ ନରସିଂହ ମିଶ୍ର ବୁଧବାର ସନ୍ଧ୍ୟାରେ ବୁଦ୍ଧିଜୀବୀଙ୍କ ମତ ଲୋଡିଥିଲେ। ସ୍ଥାନୀୟ ଏକ ହୋଟେଲରେ ବିଧାୟକ ମିଶ୍ର ସହରର ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନ, ବୁଦ୍ଧିଜୀବୀ, ଛାତ୍ର ସଙ୍ଗଠନ, ବ୍ୟବସାୟୀ ସଂଘ ଏବଂ ନାଗରିକ ସମାଜ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ବିଧାନସଭା ଅଧିବେଶନରେ ବଲାଙ୍ଗୀରର କେଉଁ ସମସ୍ୟା ଓ ଦାବିକୁ ଅଗ୍ରାଧିକାର ଦିଆଯିବ ସେନେଇ ଆଲୋଚନା ହୋଇଥିଲା। ଦାବିପୂରଣ ପାଇଁ ସଂଘବଦ୍ଧ ଲଢ଼େଇ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବା ଏବଂ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉପରେ ଜୋର ଦେବାକୁ ପ୍ରଥମେ ଆଲୋଚନା କରାଯାଇଥିଲା। ଏହାସହିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ପ୍ରଫେସର, ଅଣଶିକ୍ଷକ କର୍ମଚାରୀଙ୍କ ଅଭାବକୁ ନେଇ ବୁଦ୍ଧିଜୀବୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଅଧ୍ୟାପକ, କର୍ମଚାରୀ ଏବଂ ଭିତ୍ତିଭୂମି ନ ଯୋଗାଇ ସରକାର ବିଶ୍ୱବିଦ୍ୟାଳୟ ଘୋଷଣା କରିବାର ମାନେ କ'ଣ ବୋଲି ଆଲୋଚନା ହୋଇଥିଲା। ଏନେଇ ସରକାରଙ୍କୁ ପ୍ରଶ୍ନ କରିବାକୁ ମତପ୍ରକାଶ ପାଇଥିଲା। ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଚାଲିଛି। ଜମି ଛାଡିଥିବା ଲୋକଙ୍କୁ କ୍ଷତିପୂରଣ ଓ ଥଇଥାନକୁ ପ୍ରାଥମିକତା ଦେବା ପାଇଁ ବିଧାୟକ ଓ ବୁଦ୍ଧିଜୀବୀ ଆଲୋଚନା କରିଥିଲେ। ବଲାଙ୍ଗୀର ସହରରେ ସିଟି ବସ୍ ଚାଲୁ କରିବା, ବିକଳାଙ୍ଗ ଏବଂ ବୃଦ୍ଧ ବୃଦ୍ଧାଙ୍କ ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ, ବଲାଙ୍ଗୀର ସହରର ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା, କପା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ବଲାଙ୍ଗୀରରେ ସ୍ଥାପନ କରିବା, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ସ୍ମାର୍ଟ ଲାଇବ୍ରେରୀ ଏବଂ ଅଡିଟରିୟମ କାମରେ କ୍ଷୀପ୍ରତା ଆଣିବା, ବନ୍ଧକଟାର ପୁନରୁଦ୍ଧାର ନେଇ ନାଗରିକ ସମାଜ ବିଧାୟକଙ୍କ ସହ ଆଲୋଚନା କରିଥିଲେ । କୃଷି ବିଶ୍ୱବିଦ୍ୟାଳୟ ସରକାରଙ୍କ ବଲାଙ୍ଗୀରକୁ ଅନୁଦାନ ପ୍ରଦାନର ବିବରଣୀ, ଶିକ୍ଷାକ୍ଷେତ୍ରରେ ଥିବା କର୍ମଚାରୀ ଅଭାବ, ଡାକ୍ତରଖାନାର ଡାକ୍ତର ତଥା କର୍ମଚାରୀ ଅଭାବ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ବିଧାନସଭାରେ ସେ ପ୍ରଶ୍ନ ଉତ୍ଥାପନ କରିବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପ୍ରସିଦ୍ଧ ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ ତୁଷୁରା ନିକଟ ତେଲନଦୀରେ କଳା ବାଲୁକା କେନ୍ଦ୍ର ପ୍ରତିଷ୍ଠା ସହ ୨୫ରୁ ୩୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଡ କରିପାରିଲେ ସେ ବିଶ୍ୱର ସର୍ବବୃହତ ଏବଂ ସର୍ବୋଚ୍ଚ ଏକ ବାଲୁକା କଳା ତିଆରି କରିବେ ଯାହାକି ଗିନିସ ବୁକ୍ ରେ ସ୍ଥାନ ପାଇବ ବୋଲି ବିଧାୟକ ମିଶ୍ରଙ୍କୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ପ୍ରଫେସର ମଧୁସୂଦନ ପତି, ଧର୍ମେନ୍ଦ୍ର ନନ୍ଦ, ପ୍ରକାଶ ଦାଶ, ଗୋପଭୂଷଣ ନାଥ, ଡା. ଏଲ୍‌କେ ମହାପାତ୍ର, ନାଗରିକ କମିଟି ସଭାପତି ବେଲାର ସିଂ ଭୋଇ, ସମ୍ପାଦକ ମନୋରଞ୍ଜନ ସାହୁ, ଶିକ୍ଷାବିତ୍ ସୁଷମା ମଞ୍ଜରୀ ନାୟକ, ଡା ଲକ୍ଷ୍ମୀକାନ୍ତ ମହାପାତ୍ର, ବିକ୍ରମାନନ୍ଦ ବହିଦାର, ମାହେଶ୍ୱରୀ ମହିଳା ଶାଖା, ମୋହନ ଜୈନ, ଗୁରୁ ଘାସୀରାମ ମିଶ୍ର, ଅଞ୍ଚଳ ପଣ୍ଡା, ସତ୍ପ ନାରାୟଣ ଦାଶ, ଡ. ଶିବ ପ୍ରସାଦ ନନ୍ଦ, ଆହ୍ଲାଦ ପୂଜାରୀ, ନବୀନ ନାୟକ, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ସନ୍ତୋଷ ପାଢ଼ୀଙ୍କ ସମେତ ଅନେକ ଛାତ୍ରୀଛାତ୍ର ଏବଂ ବୁଦ୍ଧିଜୀବୀ ଆଲୋଚନାରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।


ବିଧାୟକ ନରସିଂହ ମିଶ୍ରଙ୍କ ସହ ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### କଫ୍ ସିରପ୍ ଜବତ, ଜଣେ ଗିରଫ

**ପାଇକମାଲ,୯।୨(ଡି.ଏନ.ଏ.):** ବରଗଡ଼ ଜିଲା ପାଇକମାଲ ବ୍ଲକ ବସନ୍ତ ବିହାରରେ ଗୁରୁବାର ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ବଡବନ୍ଧ ପଡା ନିବାସୀ ଚିତ୍ତରଞ୍ଜନ ଦାସ ( ୩୧)। ତାଙ୍କଠାରୁ ଅପମିଶ୍ରିତ ୨ ଲିଟର କଫ୍ ସିରପ୍, ୧୧ଟି କଫ୍ ସିରଫ୍, ଏକ ଷ୍ଟ୍ରିପ୍ ନିଶା ବଟିକା, ସ୍କୁଟି, ମୋବାଇଲ ଏବଂ ନଗଦ ୩୧୫୦ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୮।୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ଜେଲକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ସୁଶାନ୍ତ କୁମାର ବଡେଇ ସୂଚନା ଦେଇଛନ୍ତି।

### ଅଭିଯୁକ୍ତଙ୍କ ଗିରଫ ଦାବି

**ଅଫିସରେ ପଶି ଅଧିକାରୀଙ୍କୁ ମାଡ଼ ଅଭିଯୋଗ**

**ଉଲୁଣ୍ଡା,୯।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ କାର୍ଯ୍ୟରତ ଭାରପ୍ରାପ୍ତ ଅଧିକାରୀ ଚିତ୍ତ ରଞ୍ଜନ ରାଉତଙ୍କୁ ଜଣେ ବ୍ୟକ୍ତି ମାଡ ମାରିବା ସହ ଜୀବନରୁ ମାରି ଦେବା ପାଇଁ ଧମକ ଦେଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବୁଧବାର ଅପରାହ୍ନ ସମୟରେ ଅଧିକାରୀ ଜଣକ ନିଜ ଅଫିସରେ ବସିଥିଲେ। ଏହି ସମୟରେ କୋଟସମଲେଇ ଗ୍ରାମର ଜଣେ ବ୍ୟକ୍ତି ହଠାତ୍ ଅଫିସକୁ ପଶିଯାଇ ମୋ ବିଲ କାହିଁକି କରୁନାହାନ୍ତି ବୋଲି କହି ଗାଳିଗୁଲଜ କରି ଚେୟାର ଟେବୁଲ ଭାଙ୍ଗି ମାଡ଼ ମାରିଥିଲେ। ଏନେଇ ଉଲୁଣ୍ଡା ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ ୨୨/୨୩ରେ ଏକ ମାମଲା ରୁଜୁ କରିଛି। ତେବେ ଗୁରୁବାର ବ୍ଲକରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ମସ୍ୟ ଅଧିକାରୀଙ୍କୁ ମାଡ ମାରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ଥାନାର ଦ୍ୱାରସ୍ଥ ହୋଇ ଏକ ଦାବିପତ୍ର ଆଇଆଇସିଙ୍କ ଅନୁପସ୍ଥିତିରେ ଏସଆଇ ସରୋଜ ପାଣିଗ୍ରାହୀଙ୍କୁ ପ୍ରଦାନ କରିଥିଲେ। ଯଦି ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ତାହେଲେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।

### ଜୟ୍ ଜଗନ୍ନାଥ ସ୍ପୋର୍ଟିଂ, ଶୁଭଶ୍ରୀ ସ୍ପୋର୍ଟିଂ ବିଜୟୀ

**ବାଉଁଶୁଣୀ,୯।୨(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ହାଇସ୍କୁଲ ଖେଳପଡିଆଠାରେ ଦ୍ୱିତୀୟ ବାଉଁଶୁଣୀ କ୍ରିକେଟ ଲିଗ୍ ତୃତୀୟ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ମ୍ୟାଚ ତୁଳସୀ ଡ୍ରିମ ଏବଂ ଜୟ୍ ଜଗନ୍ନାଥ ସ୍ୱିଙ୍ଗ ମଧ୍ୟରେ ୧୦ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ଜୟ୍ ଜଗନ୍ନାଥ ସ୍ୱିଙ୍ଗ ୧୦ ଓଭରରେ ୬୦ ରନ କରିଥିଲା। ତୁଳସୀ ଡ୍ରିମ ୫୮ ରନ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ପାଟଖଣ୍ଡା ୱାରିୟରସ ଓ ଶୁଭଶ୍ରୀ ସ୍ୱିଙ୍ଗ ମଧ୍ୟରେ ୧୦ ଓଭର ବିଶିଷ୍ଟ ହୋଇଥିଲା। ପ୍ରଥମେ ପାଟଖଣ୍ଡା ୱାରିୟରସ ବ୍ୟାଟିଂ କରି ୮୦ ରନ କରିଥିଲେ। ଶୁଭଶ୍ରୀ ସ୍ୱିଙ୍ଗ ୮୧ରନ କରି ବିଜୟୀ ହୋଇଥିଲେ। ଦେବାଶିଷ ନେପାକ, ଖଗେଶ୍ୱର ମେହେର ଓ ରିଙ୍କୁ ବେହେରା, ସମୀର ଭୁକ୍ତା ଖେଳ ପରିଚାଳନା କରିଥିଲେ। ଗିରିଶ ମେହେର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମିଟି ତରଫରୁ ସୂଚନା ମିଳିଛି।

# ସଂସଦରେ ଉପସ୍ଥାପନ କରୁ ବିଜେଡି

**ବରଗଡ଼ ଅଫିସ, ୯।୨**



ଖବରଦାତା ସମ୍ମିଳନୀରେ ଏଏପିର ନେତୃବୃନ୍ଦ ।

**ବଜେଟରେ ଖାଦ୍ୟ ସଂଗ୍ରହ ବ୍ୟୟ ବରାଦ ହ୍ରାସ ପ୍ରସଙ୍ଗ**

୨୦୨୩-୨୪ କେନ୍ଦ୍ରୀୟ ବଜେଟରେ ଖାଦ୍ୟ ସଂଗ୍ରହ ବ୍ୟୟବରାଦ ବାବଦରେ ୨୦ ହଜାର କୋଟି ଟଙ୍କା ହ୍ରାସ ପାଇଥିବା ବେଳେ ଭାରତୀୟ ଖାଦ୍ୟ ନିଗମ ଓଡ଼ିଶାରୁ ଚାଉଳ ସଂଗ୍ରହ ମଧ୍ୟ ୮୦ ଭାଗ କମ୍ କରିଥିବା ବିଜେଡି ଅଭିଯୋଗ କରିଛି। ୨ଦିନ ତଳେ ବରଗଡ଼ରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ ଏହି ଅଭିଯୋଗ ଆଣି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରକୁ ଚାଷୀ ବିରୋଧୀ ବୋଲି କହିଥିଲେ। ତେବେ ବିଜେଡିର ଏଭଳି ଆଭିମୁଖ୍ୟକୁ ଆମ୍ ଆଦ୍ମୀ ପାର୍ଟି (ଏଏପି) ସମାଲୋଚନା କରିଛି। ଗୁରୁବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପାର୍ଟିର ବରଗଡ଼ ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି, ଭାଜପାକୁ ଚାଷୀ ବିରୋଧୀ କହୁଥିବା ବିଜେଡି ସଂସଦରେ ବିରୋଧ ନ କରି କେବଳ ଲୋକ ଦେଖାଣିଆ ଭାବେ ଚାଷ ଏବଂ ଚାଷୀ ପ୍ରସଙ୍ଗକୁ ନେଇ ରାଜନୀତି କରୁଛି। ଓଡିଶାରୁ ଭାରତୀୟ ଖାଦ୍ୟ ନିଗମ ୧୮ ଲକ୍ଷ ମେଟ୍ରିକ ଟନ ଚାଉଳ ସଂଗ୍ରହ କରୁଥିବା ବେଳେ ଚଳିତବର୍ଷଠାରୁ ମାତ୍ର ୪ ଲକ୍ଷ ମେଟ୍ରିକ ଟନ ସଂଗ୍ରହ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଏଥିରୁ ଭାଜପାର ଚାଷୀ ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ଜଣାପଡୁଛି। ଆଗକୁ ଚାଷୀମାନଙ୍କ ଧାନ ବିକ୍ରି ସମସ୍ୟା ବଢିବ। ଚାଷ ପ୍ରତି ଚାଷୀଙ୍କ ଅନିଚ୍ଛା ପ୍ରକାଶ କରିବ ଏବଂ ଚାଷୀ ଆନ୍ଦୋଳନ କରିବାକୁ ବାଧ ହେବ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସଂସଦରେ ଉପସ୍ଥାପନ କରିବା ବଦଳରେ ବରଗଡ଼ରେ ଏକ ଖବରଦାତା ସମ୍ମିଳନୀରେ ସୀମିତ ରଖିଦେବା ଘଟଣାରୁ ବିଜେଡିର ବାସ୍ତବ ଉଦ୍ଦେଶ୍ୟ ବୁଝାପଡୁଛି ବୋଲି ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ବିଜେଡି ସବୁବେଳେ ଭାଜପାକୁ ସମର୍ଥନ ଦେଇ ଆସିଥିବା ବେଳେ ହଠାତ୍ ଭାଜପାକୁ ଚାଷୀ ବିରୋଧୀ କହିବା ଆହୁରି ଚକିତ କରୁଛି। ଦରଦାମ ବୃଦ୍ଧି, କୃଷି ଆଇନ, ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଦରବୃଦ୍ଧି ବେଳେ କେବେ ବିଜେଡି ବିରୋଧ ନ କରି ଓଲଟା ଭାଜପାକୁ ସମର୍ଥନ ଦେଇଆସିଛି। ଯଦି ବିଜେଡିର ସତ୍ ସାହସ ଅଛି ତେବେ ସଂସଦ ଓ ସଡ଼କରେ ଆନ୍ଦୋଳନକୁ ଓହ୍ଲାଇ କେନ୍ଦ୍ର ବିରୋଧରେ ପ୍ରତିବାଦ କରୁ। ତେବେ ଯାଇ ବିଜେଡିର ଚାଷୀ ପ୍ରୀତି ସ୍ପଷ୍ଟ ହେବ ବୋଲି ପାର୍ଟିର ଜିଲା ଆବାହକ ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତାବିରା ବ୍ଲକ ସଭାପତି ଯଦୁମଣି ପ୍ରଧାନ ଓ ବରପାଲି ବ୍ଲକ ସଭାପତି ଶ୍ରୀରାମ ସାହୁ ଉପସ୍ଥିତ ଥିଲେ।

# ତହସିଲ ଅଫିସ ଘେରାଉ

**ବରପାଲି,୯।୨(ଡି.ଏନ.ଏ.)**

ଏରିୟର ବିଲ୍‌କୁ ନେଇ ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତ ଓ ବରପାଲି ସହରର ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ଅଧିକାର ଫାଉଣ୍ଡେଶନର ଅଧ୍ୟକ୍ଷ କମଳେଶ ରାୟଙ୍କ ନେତୃତ୍ୱରେ ଉପଭୋକ୍ତାମାନେ ଗୁରୁବାର ବରପାଲି ତହସିଲ ଅଫିସ ଘେରାଉ କରିଥିଲେ। ତହସିଲଦାର ରୁକ୍ମଣ ମେହେର ଏ ନେଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କ ସହ ଆଲୋଚନା କରିଥିଲେ। ପରେ ଏସ୍‌ଡିଓ ବିଦ୍ୟୁତ୍ ଉପଭୋକ୍ତାଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବାରୁ ସେମାନେ ଆନ୍ଦୋଳନରୁ ଓହରିଥିଲେ।




ଉପଭୋକ୍ତାମାନେ ତହସିଲ ଅଫିସ୍ ଘେରାଉ କରିଛନ୍ତି।

# କଠିନ ଅଧ୍ୟବସାୟ ସଫଳତାର ବାଟ ଦେଖାଏ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ, ୯।୨**

ଶିକ୍ଷାର୍ଥୀ କୌଣସି ପରିସ୍ଥିତିରେ ଭାଙ୍ଗି ପଡ଼ିବା ଅନୁଚିତ। ନିଜ ଭୁଲ୍‌କୁ ନିଜେ ବୁଝିବା ସହ ତାର ପୁନରାବୃତ୍ତି ନ କରି ପରିଶ୍ରମ ପୂର୍ବକ ଆଗକୁ ସଫଳତା ହାତେଇ ନେବାକୁ ପଡ଼ିବ। ସେହି ଦକ୍ଷତା ସମସ୍ତ ଛାତ୍ରୀମାନଙ୍କ ପାଖରେ ଅଛି। ନାରୀ ଅବଳା ଦୁର୍ବଳା ନୁହେଁ, ସେ ସର୍ବଦା ସବଳା ଅଟେ। ତେଣୁ ନାରୀଶକ୍ତିକୁ ଜାଗ୍ରତ କରିବାର ସମୟ ଆସିଛି। କଠିନ ଅଧ୍ୟବସାୟ ଜଣେ ଶିକ୍ଷାର୍ଥୀଙ୍କୁ ସଫଳତାର ବାଟ ଦେଖାଇଥାଏ ବୋଲି ବରଗଡ଼ ଜିଲା ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମତପ୍ରକାଶ ପାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ଭୋଇଙ୍କ ଅଧ୍ୟକ୍ଷତାରେ ଭଟଲି ବିଇଓ ସରୋଜ କୁମାର ଭୁଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ସନ୍ତୋଷ ବନଛୋର, ପ୍ରଥମ ବର୍ଷ ଛାତ୍ରୀ ସୁଜ୍ଞାନୀ ସାହୁ, ବଡ଼ମାଳ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ ଡନସନା, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଧାନ, ଆଲୁମିନି କମିଟି ସଭାନେତ୍ରୀ ମଧୁଲିକା ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଅନିମା ବାରିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଅଭୟଜିତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

**ଅମ୍ବାଭୋନା,୯।୨(ଡି.ଏନ.ଏ.)**

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବଡଦର୍ଲିପାଲି ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଦ୍ୟାଧର ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରଗଡ଼ ଜିଲା ଶିକ୍ଷା ନିରୀକ୍ଷକ ପ୍ରସନ୍ନ କୁମାର ମିଶ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲାଲମୋହନ ସିଂହ, ଅବସରପ୍ରାପ୍ତ ଶିକ୍ଷକ ଯଶୋବନ୍ତ ବେହେରା, ରୁଚିଦା ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ କାଲୋ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାଶଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ରାଧାଶ୍ୟାମ ପଟେଲ ସଭା ପରିଚାଳନା କରିଥିବା ବେଳେ ଧନେଶ୍ୱର ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ଚନ୍ଦ୍ରମା ଗଡତିଆ ଓ ରାଧିକା ନାୟକ ଏହାକୁ ପରିଚାଳନା କରିଥିଲେ।



ସେବାଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଉଲୁଣ୍ଡା,୯।୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲାର ଉଲୁଣ୍ଡା କଲେଜ ପଡିଆରେ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଦ୍ୱିଦିବସୀୟ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ମହଦା ପଞ୍ଚାୟତକୁ ହରାଇ ଉଲୁଣ୍ଡା ପଞ୍ଚାୟତ ଚାମ୍ପିୟନ ହୋଇଛି । ଉଲୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେମସାଗର ଭୋଇଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବ୍ଲକର ସମସ୍ତ ପଞ୍ଚାୟତ ସ୍ତରୀୟ କ୍ରିକେଟ ଟିମ୍ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଉଲୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୫ ଓଭରରେ ୬ ଉଇକେଟ ହରାଇ ୬୨ ରନ ସଂଗ୍ରହ କରିଥିଲେ । ଜବାବରେ ୬୩ ରନର ବିଜୟ ଲକ୍ଷ୍ୟ ନେଇ ମହଦା ଦଳ ଖେଳ ଆରମ୍ଭ କରିଥିବା ବେଳେ ୫ ଓଭରରେ ୫ ଉଇକେଟ ହରାଇ ୫୬ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ । ସୁଶାନ୍ତ ସେଠ, ବନମାଳୀ ପଧାନ, ଦିନେଶ ଘିବିଲା ମ୍ୟାଚ ପରିଚାଳନା କରିଥିଲେ। ଗିରିଧାରୀ ହୋତା ଏବଂ ନରେଶ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା କୃତ୍ତିବାସ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ଦେହୁରୀ, ଏବିଡିଓ ଶୁଭ୍ରାଂଶୁ ମଲ୍ଲିକ, ବ୍ଲକ ସେକ୍ସନ ଅଫିସର ପ୍ରଦୀପ ଭୋଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ଗିରିଧାରୀ ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ୟାମଲାଲ ବଞ୍ଜାରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପପୁରରେ ନନ୍ଦୋତ୍ସବ

**ଲେଲେହର-ଚଣ୍ଡିପାଲି ଧନୁଯାତ୍ରା**

**ଅମ୍ବାଭୋନା, ୯।୨(ଡି.ଏନ.ଏ.)**

ବରଗଡ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲେଲେହର-ଚଣ୍ଡିପାଲି ଧନୁଯାତ୍ରା ମହୋତ୍ସବ ଅବସରରେ ଗୁରୁବାର ଗୋପପୁରରେ ନନ୍ଦୋତ୍ସବ ହୋଇଥିଲା। ସେହିପରି କଂସଙ୍କ ନିର୍ଦ୍ଦେଶରେ ଆସିଥିବା ଷଣ୍ଢ, ଶକଟା, ଅଘା, ବକା, ଧେନୁକା, ତୃଣା ଆଦି ଅଷ୍ଟମଲ୍ଲ ନିହତ ହୋଇଥିଲେ। ଏହି ଖବର ପାଇ କଂସ ମହାରାଜ ବ୍ୟସ୍ତ ବିବ୍ରତ ହୋଇ ପଡିଥିଲେ। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କୃଷ୍ଣ ବଳରାମଙ୍କ ସହିତ ଅଷ୍ଟମଲ୍ଲଙ୍କ ଯୁଦ୍ଧ ଏବଂ କଂସଙ୍କ ଅତ୍ୟାଚାର ବିରୋଧରେ ଦେବସଭା ଆଦି ଦୃଶ୍ୟାଭିନୟ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।



ଗୋପୀମାନେ ଉତ୍ସବ ମନାଉଛନ୍ତି।

# ଧର୍ମଶାଳା କଲେଜରେ ପୁରସ୍କାର ବିତରଣୀ ଉତ୍ସବ

**ସୋନପୁର,୯।୨,(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଯୁକ୍ତ ଦୁଇ କଲେଜରେ ପୁରସ୍କାର ବିତରଣୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସୋନପୁର କଲେଜର ବରିଷ୍ଠ ଅଧ୍ୟାପକ ଡ. ସୌରଭ ରଞ୍ଜନ ଖମାରୀ, ବ୍ୟଙ୍ଗ କବି ଶ୍ୟାମା ଓଁ ପ୍ରସାଦ ମିଶ୍ର ଓ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଉଲୁଣ୍ଡାର ଅଧ୍ୟକ୍ଷ ଡ.ଦେବାଶିଷ ପାଣ୍ଡିଆ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବି ବିଘ୍ନରାଜ ପଣ୍ଡାଙ୍କ ସମେତ ଛାତ୍ରୀଛାତ୍ର ଓ ଅତିଥିମାନେ ସ୍ୱରଚିତ କବିତା ପାଠ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଇଂରାଜୀ ବିଭାଗର ପ୍ରାଧ୍ୟାପକ ସୌମିତ୍ରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏଥିସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଅଧ୍ୟାପକ ସତ୍ୟନାରାୟଣ ମହାକୁଡ, ରାଜେନ୍ଦ୍ର ବେଦବାକ, କାଶୀନାଥ ମିଶ୍ର, ଗୋବିନ୍ଦ ପ୍ରଧାନ, ଗଦାଧର ପ୍ରଧାନ, ବିଭୀଷଣ ପ୍ରଧାନ ଓ ନୀଳାମ୍ବର ଝାଙ୍କର ପ୍ରମୁଖ ଉତ୍ସବ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ । ରୁବି ବେହେରା ଓ ଯସ୍ମୀନ ରାଣୀ ବେଦବାକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ରତ୍ନମୁଦ ସ୍ଥାପନ ପାଇଁ କଳସ ଯାତ୍ରା

**ବରଗଡ଼ ଅଫିସ, ୯।୨**

ବରଗଡ଼ କଲେଜ ରୋଡ୍ ସ୍ଥିତ ମହାଲକ୍ଷ୍ମୀ ମନ୍ଦିରରେ ରତ୍ନମୁଦ ସ୍ଥାପନ ପାଇଁ ଗୁରୁବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ। ସେମାନେ ଜିରା ନଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥାନରେ ସ୍ଥାପନ କରିଥିଲେ। ଶୁକ୍ରବାର ପୂଜାରମ୍ଭ ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି।




ମହିଳାମାନେ କଳସ ଯାତ୍ରାରେ ବାହାରିଛନ୍ତି।

# ମିଳୁନି ମୌଳିକ ସୁବିଧା, ଅନ୍ତେବାସୀଙ୍କ ଧାରଣା

**ବରଗଡ଼ ଅଫିସ,୯।୨**

ବରଗଡ଼ ପଞ୍ଚାୟତ କଲେଜ ଛାତ୍ରାବାସ ଅନ୍ତେବାସୀଙ୍କୁ ମୌଳିକ ସୁବିଧା ସୁଦ୍ଧା ମିଳୁନାହିଁ। ଏଭଳି ଅଭିଯୋଗ କରି ଗୁରୁବାର ସେମାନେ କଲେଜ ଆଗରେ ଧାରଣାରେ ବସିଥିଲେ। ପରେ କଲେଜ ଅଧ୍ୟକ୍ଷ ପତିତପାବନ ସାହୁ ଧାରଣାସ୍ଥଳକୁ ଆସି ତୁରନ୍ତ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନ୍ତେବାସୀମାନେ ଧାରଣାରୁ ଉଠିଥିଲେ।

ଅନ୍ତେବାସୀମାନେ ଅଭିଯୋଗ କରିଛନ୍ତି, ଛାତ୍ରାବାସ ପରିସରରେ ସ୍ୱଚ୍ଛତା ରହୁ ନ ଥିବାବେଳେ ପାଣି, ପାଇଖାନା ସମସ୍ୟା ଲାଗିରହିଛି। ଏପରିକି ଛାତ୍ରାବାସରେ ଜଣେ ହେଲେ ସଫେଇ କର୍ମଚାରୀ ମଧ୍ୟ ନାହାନ୍ତି। ସେହିପରି ଛାତ୍ରାବାସରେ ପ୍ରାୟ ୨ଶହ ଅନ୍ତେବାସୀ ରହୁଥିବା ବେଳେ ଭୋଜନ କକ୍ଷରେ ବସି ଖାଇବାକୁ ଆବଶ୍ୟକ ସଂଖ୍ୟକ ସିଟ୍ ନାହିଁ। ଛାତ୍ରାବାସରେ ରହିବା ଖାଇବା ବାବଦକୁ ପ୍ରତିବର୍ଷ ଫି ବଢି ଚାଲିଥିବା ବେଳେ ଛାତ୍ରାବାସରେ ଉନ୍ନତି ଆସିବା ବଦଳରେ ଅନ୍ତେବାସୀଙ୍କୁ ମୌଳିକ ସୁବିଧା ସୁଦ୍ଧା ନ ମିଳିବା ପରିତାପର ବିଷୟ। ଏ ନେଇ ଅନ୍ତେବାସୀମାନେ ବାରମ୍ବାର ଛାତ୍ରାବାସ ଏବଂ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିନ୍ତୁ କିଛି ସୁଫଳ ନ ମିଳିବାରୁ ସେମାନେ ଗୁରୁବାର କଲେଜ ସମ୍ମୁଖରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ତୁରନ୍ତ ଛାତ୍ରାବାସରେ ରହିଥିବା ସବୁ ସମସ୍ୟାର ସମାଧାନ ନ ହେଲେ ଆଗକୁ ଜିଲାପାଳଙ୍କୁ ଫେରାଦ ହେବା ସହିତ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅନ୍ତେବାସୀମାନେ ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ବିନୟ ନାୟକ, ରୋଶନ ମହାପାତ୍ର, ଅରବିନ୍ଦ ନାୟକଙ୍କ ସମେତ ଛାତ୍ରାବାସର ଅନେକ ଅନ୍ତେବାସୀ ସାମିଲ ହୋଇଥିଲେ।



ବରଗଡ଼ ପଞ୍ଚାୟତ କଲେଜ ଆଗରେ ଛାତ୍ରାବାସ ଅନ୍ତେବାସୀ ଧାରଣାରେ ବସିଛନ୍ତି।

# ୧୧ରୁ ସମ୍ବଲପୁର ପୁସ୍ତକ ମେଳା

**ସମ୍ବଲପୁର,୯।୨(ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରଶାସନ ଓ ସେତୁ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ୨୩ତମ ସମ୍ବଲପୁର ପୁସ୍ତକ ମେଳା ଆସନ୍ତା ୧୧ରୁ ୨୦ତାରିଖ ପର୍ଯ୍ୟନ୍ତ ଅଇଁଠାପାଲିସ୍ଥିତ ବିର୍ସା ମୁଣ୍ଡା ମଇଦାନରେ ଆୟୋଜିତ ହେବ। ଗୁରୁବାର ଜିଲାପାଳଙ୍କ ଅଫିସର ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଓ ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀ ପୁସ୍ତକ ମେଳା ଆୟୋଜନ ନେଇ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ।

କୋଭିଡ୍ କାରଣରୁ ଦୁଇବର୍ଷ ମେଳା ବନ୍ଦ ରହିଥିଲା। ଚଳିତବର୍ଷ ମେଳାରେ ୧୪୦ଟି ଷ୍ଟଲ ଖୋଲିବା ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ୯୫ଟି ଷ୍ଟଲରେ ୩୭ଟି ପ୍ରକାଶନ ସଂସ୍ଥା ଓ ବିକ୍ରେତା, ଷ୍ଟେସନାରୀ


ପୁସ୍ତକ ମେଳା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପାଇଁ ୩ଟି ସଂସ୍ଥାର ୬ଟି ଷ୍ଟଲ ଏବଂ ୧୮ଟି ଅନୁଷ୍ଠାନର ୨୧ଟି ଷ୍ଟଲ ରହିଛି। ଏତଦ୍‌ବ୍ୟତୀତ ଖାଦ୍ୟ ଓ ଅନ୍ୟାନ୍ୟ ଷ୍ଟଲ ରହିବ। ପୁସ୍ତକ ମେଳାରେ ଗୀତା ପ୍ରେସ, ଫ୍ରେଣ୍ଡ୍‌ସ ପବ୍ଲିକେସନ, ବିଦ୍ୟାପୁରୀ, ଗ୍ରନ୍ଥ ମନ୍ଦିର, ଓଡିଶା ଟେକ୍ସଟ ବୁକ ବ୍ୟୁରୋ, ଏ.କେ. ମିଶ୍ର ଏଜେନ୍ସି, ନ୍ୟାଶନାଲ ବୁକ ଟ୍ରଷ୍ଟ, ଅକ୍ସଫୋର୍ଡ଼ ପ୍ରେସ ପ୍ରମୁଖ ପ୍ରକାଶନ ସଂସ୍ଥା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ସେତୁର ପୁସ୍ତକ ମେଳା ଆରମ୍ଭ ଦିନଠାରୁ ପ୍ରବେଶ ଶୁଳ୍କ ୨ରୁ ୫ ଟଙ୍କା ରଖାଯାଉଥିଲା। କିନ୍ତୁ ଚଳିତବର୍ଷ ଏହା ଦେୟମୁକ୍ତ ରହିବ। ପୁସ୍ତକ ମେଳାରେ ମୁଖ୍ୟ ତୋରଣ ଓ ସଭାମଞ୍ଚ ଯଥାକ୍ରମେ ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ ଓ ପ୍ରଫେସର

### ଖୋଲିବ ୧୪୦ ଷ୍ଟଲ

ଦୁର୍ଗା ପ୍ରସାଦ ନାୟକଙ୍କ ନାମରେ ନାମିତ କରାଯାଇଛି। ସଭା ମଞ୍ଚରେ ପ୍ରତ୍ୟହ ସନ୍ଧ୍ୟା ୬ ଘଣ୍ଟା ୩୦ ମିନିଟରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଆଲୋଚନାଚକ୍ର ହେବାକୁ ସ୍ଥିର ହୋଇଛି। ଏଥିନିମନ୍ତେ କବି, ଲେଖକ ଓ ଶିକ୍ଷାବିତ୍‌ମାନଙ୍କୁ ନିମନ୍ତ୍ରଣ କରାଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ପ୍ରତିଭାବାନ ବ୍ୟକ୍ତିଙ୍କୁ ସେତୁ ସମ୍ମାନ, ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ ଓ ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ସେତୁ ସମ୍ମାନ ଚଳିତବର୍ଷ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଲକୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି। ସେହିପରି ରଙ୍ଗବତୀ ଗୀତର ସମସ୍ତ ଟିମ୍‌କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚିତ କରାଯାଇଛି।

## ୪୫ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ


ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

**ସମ୍ବଲପୁର,୯।୨(ବ୍ୟୁରୋ)**

ସମ୍ବଲପୁର ଅବକାରୀ କାର୍ଯ୍ୟାଳୟର ସ୍ୱତନ୍ତ୍ର ଟିମ୍ ଗୁରୁବାର ସକାଳୁ ଏକ କାର୍‌ରେ ଧମା ପଟରୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୂଚନା ପାଇଥିଲା। କର୍ମଚାରୀମାନେ କାର୍‌କୁ ପିଛା କରି ସିନ୍ଦୂରପଙ୍କ ଛକ ନିକଟରେ କାବୁ କରିଥିଲେ। ସେମାନେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୪୫ କେଜି ଗଞ୍ଜେଇ ଜବତ କରିଥିଲେ। ଗିରଫ ଯୁବକ ହେଲେ ଉତ୍ତରପ୍ରଦେଶର ସୁରଜ ସିଂ। ରାଜ୍ୟର ନମ୍ବରପ୍ଲେଟ ଥିବା କାର୍‌ରେ ଏକ ସିକ୍ରେଟ ଚାମ୍ବର କରି ସୁରଜ ବୌଦ୍ଧରୁ ଏହି ଗଞ୍ଜେଇ ନେଉଥିବାବେଳେ ଅବକାରୀ ଟିମ୍ ହାତରେ ଧରାପଡିଛି।

### ସଂକ୍ଷେପରେ

## ଛଟେଇ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟର ଦ୍ୱାରସ୍ଥ

**ସମ୍ବଲପୁର,୯।୨(ବ୍ୟୁରୋ):** ସମ୍ବଲପୁର ଜିଲା ପରଧିଆପାଲିରେ ଥିବା ଏକ ଗୁଟ୍‌କା କମ୍ପାନୀରୁ ଛଟେଇ ଶ୍ରମିକମାନେ ଗୁରୁବାର ଜିଲା ଶ୍ରମ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। କମ୍ପାନୀ ବେଆଇନ ଭାବେ ୪୦ଜଣ ଶ୍ରମିକଙ୍କୁ ଛଟେଇ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ସାକ୍ଷାତ କରିବା ସମୟରେ ସମ୍ବଲପୁର ଜିଲା ଭାଜପା ସଭାପତି ଗିରିଶ ପଟେଲ ମଧ ଉପସ୍ଥିତ ଥିଲେ।

## କୁଟୁରାଚୁଆଁ କଲେଜରେ କ୍ୟାରିୟର କାଉନ୍‌ସେଲିଂ

**କୁଚିଣ୍ଡା,୯।୨(ଡି.ଏନ.ଏ.):** କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ବୁଧବାର କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ନିଳାଞ୍ଚଳ ତିୱାରିଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧାପକ କୃଷ୍ଣଚନ୍ଦ୍ର ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ସତ୍ୟନାରାୟଣ ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କୁଚିଣ୍ଡା ଏସିସି କମ୍ପ୍ୟୁଟର ଅନୁଷ୍ଠାନ ନିର୍ଦ୍ଦେଶକ ରାଜେଶ କୁମାର ଶର୍ମା ପ୍ରଚ୍ଛଦ ପରଦା ମାଧ୍ୟମରେ କ୍ୟାରିୟର କାଉନସେଲିଂର ବିଭିନ୍ନ ଉପକାରିତା ବିଷୟରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଛାତ୍ରୀଛାତ୍ରମାନେ ମଧ ତାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅନୁଷ୍ଠାନର ସଲିମ ମହାକୁଡ, ଅଧାପକ ସୁଧୀର ନାଏକ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଦେଇଥିଲେ।

## ରେଳବାଇ ଷ୍ଟାଡିୟମରେ କ୍ରୀଡ଼ା ପ୍ରତିଯୋଗିତା



**ସମ୍ବଲପୁର,୯।୨(ବ୍ୟୁରୋ):** ସମ୍ବଲପୁର ରେଳବାଇ ଷ୍ଟାଡିୟମଠାରେ ରେଳବାଇ ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଆରମ୍ଭ ହୋଇଛି। ଡିଆର୍‌ଏମ୍ ବିନିତ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଡିଆର୍‌ଏମ୍ ଆନନ୍ଦ ସିଂ, ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଶାଖାର ଅଧକ୍ଷା ଅଞ୍ଜନି ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ବଲପୁର ରେଳମଣ୍ଡଳର ଆକାଉଣ୍ଟ, ମେଡିକାଲ, ନିର୍ମାଣ, ଇଲେକ୍ଟ୍ରିକାଲ ସମେତ ବିଭିନ୍ନ ବିଭାଗର କର୍ମଚାରୀମାନେ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ଚାଲିବ।

## ଲୁହାଖାନ ପ୍ରାଥମିକ ବିଦ୍ୟାଳୟରେ ତାଲା

**ଦେଓଗାଁ, ୯।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲୁହାଖାନ ପ୍ରାଥମିକ ବିଦ୍ୟାଳୟରେ ମଧାହ୍ନଭୋଜନ କାର୍ଯ୍ୟକ୍ରମରେ ଅନିୟମିତତା ଅଭିଯୋଗ ହୋଇଛି। ଗୁରୁବାର ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ସ୍କୁଲ ଗେଟରେ ତାଲା ଦେବା ସହ ଧାରଣା ଦେଇଥିଲେ। ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଦଳକୁ ବଦଳାଇବା ପାଇଁ ସେମାନେ ଦାବି କରିଥିଲେ। କିଛିଦିନ ତଳେ ପରିଚାଳନା କମିଟି ସଭାପତି ଶ୍ୱେତ କୁମାର ଭାଟୀଙ୍କ ସଭାପତିତ୍ୱରେ କମିଟି ସଦସ୍ୟ ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ବସିଥିଲା। ସେଠାରେ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ମେନୁ ହିସାବରେ ଦିଆଯାଉ ନ ଥିବା ଅଭିଯୋଗ ଉଠିଥିଲା। ଏହାର ତଦରଖ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ପରେ କମିଟି ତଦାରଖ କରିବାରୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନଜରକୁ ଆସିଥିଲା। ଫଳରେ ସର୍ବସମ୍ମତିକ୍ରମେ ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିକୁ ବଦଳାଇବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିଲା। ହେଲେ ବିଭାଗ ପଦକ୍ଷେପ ନହେବାରୁ ଗୁରୁବାର ସ୍କୁଲ କମିଟି କର୍ମକର୍ତ୍ତା ଓ ଅଭିଭାବକ ସ୍କୁଲଗେଟରେ ତାଲା ପକାଇଥିଲେ। ସମସ୍ୟାର ସମାଧାନ କରା ନ ଗଲେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଛାଡିବୁ ନାହିଁ ଅଭିଭାବକମାନେ ଶୁଣାଇଛନ୍ତି।

## ବ୍ଲକ ଅଫିସ ଆଗରେ କଳାକାର ସଂଘର ବିକ୍ଷୋଭ


ବିକ୍ଷୋଭ ସମାବେଶରେ ମହିଳାପୁରୁଷ କଳାକାର।

**ଜମନକିରା,୯।୨(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଜମନକିରା ବ୍ଲକ କଳା ସଂସ୍କୃତି ସଂଘ ପକ୍ଷରୁ ଗୁରୁବାର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ସଦସ୍ୟମାନେ ପ୍ରାଣୀ ଚିକିତ୍ସା କେନ୍ଦ୍ର ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସଭାପତି ଗୋକୁଳା ନନ୍ଦ ଦାନିଙ୍କ ଅଧକ୍ଷତାରେ ବିଭିନ୍ନ ପ୍ରସଙ୍ଗ ନେଇ କଳାକାରମାନେ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ନାଗରିକ କମିଟି ସମ୍ପାଦକ ସରୋଜ ପଟ୍ଟନାୟକ କହିଥିଲେ, ସଂଘ ଗଠନ କରାଯାଇ କଳାକାରଙ୍କ ବିଭିନ୍ନ ସମସ୍ୟା ସମାଧାନ କରାଯାଉଛି। ତେବେ କିଛି ଖଳ ପ୍ରକୃତିର ଲୋକ ଦୁଇ/ଚାରି ଜଣ କଳାକାରଙ୍କୁ ନେଇ ସଂଗଠନ ବିରୋଧରେ ଅପପ୍ରଚାର କରୁଛନ୍ତି। ଏହାକୁ ସଭାରେ ନିନ୍ଦା କରାଯାଇ ସଙ୍ଗଠନରେ ଯେଉଁ କର୍ମକର୍ତ୍ତା ଅଛନ୍ତି ସେମାନଙ୍କୁ ପୁନର୍ବାର ଦାୟିତ୍ୱରେ ରୁହନ୍ତୁ ବୋଲି ଦାବି କରିଥିଲେ। ଏହି ମର୍ମରେ ବିଡ଼ିଓ ଦାୟିତ୍ୱରେ ଥିବା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ବାବୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି କାର୍ଯ୍ୟକାରୀ ସଭାପତି, ଉପ ସଭାପତି ଓ ସମ୍ପାଦକଙ୍କୁ ଉକ୍ତ ପଦବୀରେ ଅବସ୍ଥାନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଶତାଧିକ ମହିଳା ଓ ପୁରୁଷ କଳାକାର ଉପସ୍ଥିତ ଥିବାବେଳେ ୨ଶହରୁ ଅଧିକ ଲୋକଙ୍କ ଦସ୍ତଖତ ରହିଥିବା ଜଣାଯାଇଛି।

## ସ୍ୱେଚ୍ଛାସେବୀ ପଞ୍ଜୀକରଣ କାର୍ଯ୍ୟକ୍ରମ

**ନାକଟିଦେଉଳ,୯।୨(ଡ଼ି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଗୁରୁବାର ସ୍ୱେଚ୍ଛାସେବୀ ପଞ୍ଜୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର ସମ୍ବଲପୁର ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ ଯୋଗଦେଇ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପିକା ପୁଷ୍ପାଞ୍ଜଳି ରବଣା, ଲିଟିନା ପ୍ରିୟଦର୍ଶନୀ ଓ ଜୟନ୍ତୀ ସାହୁ ପ୍ରମୁଖ ସୁସ୍ଥ ସମାଜ ଗଠନରେ ନିଜକୁ ନିୟୋଜିତ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦୦ଜଣ ସ୍ୱେଚ୍ଛାସେବୀଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସ୍ୱେଚ୍ଛାସେବୀ ପିପୁଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ପଞ୍ଚମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ।

**ସମ୍ବଲପୁର,୯।୨(ବ୍ୟୁରୋ)**

ରେଙ୍ଗାଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଓ ଆଦିତ୍ୟ ଆଲୁମିନିୟମ ଦ୍ୱାରା ଗୁରୁବାର ପଞ୍ଚମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। ରେଙ୍ଗାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତ ଯୋଗଦେଇ ପୋଷଣ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲୀଳାବତୀ ନାଗ, ପାରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ ଆଦିତ୍ୟ ଆଲୁମିନିୟର ଶ୍ୱେତା ଉପାଧ୍ୟାୟ, ଗୋଷ୍ଠୀ କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର, ୟୁନିସେଫର ରାମେଶ୍ୱର ପଣ୍ଡା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୁପୋଷଣକୁ ଦୂରୀଭୂତ କରିବା, ସୁସ୍ଥ ପରିବେଶ ଗଠନ, କିଶୋରୀ ବାଳିକାଙ୍କ ଦ୍ୱାରା କନ୍ୟା ସାକ୍ଷରତାକୁ ପ୍ରୋତ୍ସାହନ, ଶିଶୁ ବିବାହ ବନ୍ଦ ଆଦି ଉପରେ ନାଟକ ପ୍ରଦର୍ଶନ ହୋଇଥିଲା। ଆଦର୍ଶ ବିଦ୍ୟାଳୟରୁ ଆସିଥିବା କୁନି ଝିଅମାନେ ଶିଶୁ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ପରେ ଅତିଥିମାନେ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖିଥିଲେ।

## ସ୍ୱୟଂସହାୟିକା ଗୋଷ୍ଠୀ-ପ୍ରଶାସନ ଆଲୋଚନା

**ନାକଟିଦେଉଳ,୯।୨(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ବାଟଗାଁସ୍ଥିତ କୁଞ୍ଜାମୁରା ସାଲେଇଢିପ ଉଚ୍ଚବିଦ୍ୟାଳୟରେ ରାତ୍ର ଜଗୁଆଳି ଓ ଝାଡୁଦାର ନିଯୁକ୍ତିରେ ଅନିୟମିତତା ଅଭିଯୋଗ କରି କୁଞ୍ଜାମୁରା ଗ୍ରାମର ୨୫ଟି ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା ବୁଧବାର ହାଇସ୍କୁଲ ଆଗରେ ଧାରଣା ଦେଇଥିଲେ। ଏପରି କି ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ପାଇଁ ଭିତରକୁ ଛାଡ଼ି ନ ଥିଲେ। ନାକଟିଦେଉଳ ବିଇଓ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନା କରିଥିଲେ ମଧ ସୁଫଳ ମିଳି ନ ଥିଲା। ଏପରିସ୍ଥଳେ ଗୁରୁବାର ପୁଣି ଥରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆ, ସୁପରଭାଇଜର ଶୋଭାମଣୀ ବାଗ, ବିପିସି


ଆନ୍ଦୋଳନକାରୀଙ୍କ ସହ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ସୌମ୍ୟରଞ୍ଜନ କମ୍ପ, ନାକଟିଦେଉଳ ଥାନା ଅଧିକାରୀ କୃପା ବାଗ ପ୍ରମୁଖ ସ୍ୱୟଂସହାୟିକ ଗୋଷ୍ଠୀ ସଦସ୍ୟା ଓ ଗ୍ରାମବାସୀଙ୍କୁ ଡ଼କାଇ ଆଲୋଚନା କରିଥିଲେ। ତେବେ ଏହି ନିଯୁକ୍ତି ପାଇଁ ରହିଥିବା କମିଟିର ଚେୟାରମ୍ୟାନ ବିଡ଼ିଓ ଛୁଟିରେ ଥିବାରୁ ସେ ଆସିଲେ ଏ ଦିଗରେ ପଦକ୍ଷେପ ନିଆଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ କହିବା ପରେ ଧାରଣାରତ ଗ୍ରାମବାସୀ ଶେଷରେ ରାଜି ହୋଇଥିଲେ।

## ଭିନ୍ନକ୍ଷମ ଛାତ୍ରୀଛାତ୍ର ଚିହ୍ନଟ ଶିବିର

**ଖପ୍ରାଖୋଲ,୯।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ଯୋଗାଣ ନିମନ୍ତେ ବ୍ଲକସ୍ତରୀୟ ଚିହ୍ନଟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥିଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବଲାଙ୍ଗୀର ସମଗ୍ର ଶିକ୍ଷା ଅଭିଯାନ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପ୍ରଶାନ୍ତ ସରାଫ, ନିରତାର ବଲାଙ୍ଗୀର ଶାଖାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ବିଶେଷଜ୍ଞ ଡା. ସୁରେନ୍ଦ୍ର ଭୋଇ, ଡା. ସୁରଜ କୁମାର ବଡଜେନା, ବଳଭଦ୍ର ଦାଶ ଯୋଗଦେଇ ଥିଲେ। ଶିକ୍ଷକ କୁବିହାରୀ ସରାଫ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କୁଷ୍ଠ ସଚେତନତା


ଶପଥପାଠ କରୁଛନ୍ତି ଛାତ୍ରୀଛାତ୍ର।

**ନାକଟିଦେଉଳ,୯।୨(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ସ୍ପର୍ଶ କୁଷ୍ଠ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରମେଶ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପକ ପ୍ରଫୁଲ୍ଲ କୁମାର ପ୍ରଧାନ କୁଷ୍ଠମୁକ୍ତ ଭାରତ ଓ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଅଧାପକ ପତିତ ମହାନନ୍ଦ ପ୍ରାରମ୍ଭିକ ସୂଚନା ଦେବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଅଧାପକ ମହେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ବେଆଇନ ମାଟି ଚାଲାଣ: ହାଇୱା, ପୋକ୍‌ଲିନ ମେଶିନ ଜବତ



ଜବତ ହାଇୱା ଓ ପୋକଲିନ ମେଶିନ।

**ରେଙ୍ଗାଲି,୯।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଖିଣ୍ଡା ପଞ୍ଚାୟତ ଅନ୍ତର୍ଗତ ଦନ୍ତାମୁରା ଗ୍ରାମରୁ ଗୁରୁବାର ବେଆଇନ ମାଟି ଚାଲାଣ ବେଳେ ୨ ହାଇୱା ଓ ଗୋଟିଏ ପୋକ୍‌ଲିନ ମେଶିନ ଜବତ କରାଯାଇଛି। ସୂଚନା ଅନୁସାରେ ପୂର୍ବାହ୍ନରେ ଦନ୍ତାମୁରା ଗ୍ରାମର କଣ୍ଟାରେ ମାଟି ଚୋରା ଚଲାଣ ହେଉଥିବା ଖବର ପାଇ ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତ ବାସୀ ଘଟଣାସ୍ଥଳକୁ ଯାଇ କାମ ବନ୍ଦ କରିବା ସହ ଲପଙ୍ଗା ଆର୍‌ଆଇ ଓ ଠେଲକୋଲୋଇ ପୋଲିସକୁ ଖବର ଦେଇଥିଲେ। ଲପଙ୍ଗା ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ହାଇୱା ଓ ଗୋଟିଏ ପୋକଲିନ ମେଶିନ ଜବତ କରି ଠେଲକୋଲୋଇ ପୋଲିସକୁ ହସ୍ତାନ୍ତର କରିଥିଲେ।

## ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

### ଭାଗ ନେଇଛନ୍ତି ୭୫୦ ପ୍ରତିଯୋଗୀ

**ସମ୍ବଲପୁର,୯।୨(ବ୍ୟୁରୋ)**

ଜିଲା କ୍ରୀଡାସଂଘ ଆୟୋଜିତ ୫୮ତମ ସମ୍ବଲପୁର ଜିଲା ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ରେଙ୍ଗାଲି ବିଧାୟକ ନାଉରୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ୭୫୦ ପ୍ରତିଯୋଗୀ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଶଟ୍‌ପୁଟ୍, ଡିସ୍‌କସ୍, ଜାଭେଲିନ ଥ୍ରୋ ପ୍ରଭୃତି ଇଭେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଜିଲା କ୍ରୀଡ଼ାସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ସେହିପରି ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁ ସୁଚନା ପ୍ରଦାନ ଓ ଆଥ୍‌ଲେଟିକ


କ୍ରୀଡା ପ୍ରତିଯୋଗିତା ଶୁଭାରମ୍ଭ କରୁଛନ୍ତି ଅତିଥି।

ସମ୍ପାଦକ ବିକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଉପସଭାପତି ସାବିର ଅହମ୍ମଦ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାର, ଖେଳ ସମ୍ପାଦକ ରାଜେଶ ସେଠ, ହକି ସମ୍ପାଦକ ବିନୋଦ ଟପ୍ପୋ, କୋଷାଧକ୍ଷ ଉମାପତି ତ୍ରିପାଠୀଙ୍କ ସମେତ କାଉନସିଲ ସଭ୍ୟମାନେ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଦିବସରେ ୨୦ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହାକୁ ୧୨୦ଜଣ ଖେଳ ଶିକ୍ଷକ ପରିଚାଳନା କରିଥିଲେ।

**୧୮୭ଜଣଙ୍କୁ ଭତ୍ତା ପ୍ରଦାନ**

ଖଡ଼ିଆଲ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସିନ୍ଧୁସୁତା ପାତ୍ର ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧକ୍ଷକ ଗୌତମ ତାଣ୍ଡି, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ବ୍ଲକର ୨୬ଟି ପଞ୍ଚାୟତର ୧୮୭ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ପ୍ରଫୁଲ୍ଲ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କିରାଣି ପ୍ରସନ୍ନ କୁମାର ମେହେର, ପ୍ରୋଗ୍ରାମ ସହାୟକ ଚିତ୍ତରଞ୍ଜନ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା, ପୁରସ୍କାର ବିତରଣ ଉତ୍ସବ ଉଦ୍‌ଯାପିତ

ଖଡ଼ିଆଲ,୯।୨(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ବ୍ଲକ କୁଲିଗାଁ ଆଶ୍ରମ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୀତବାସ ଜଗତଙ୍କ ଅଧକ୍ଷ୍ୟତାରେ କ୍ରୀଡା ଉତ୍ସବ ଚାଲିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ସମ୍ମାନିତ ଅତିଥି ଭାବେ ସାନମହେଶ୍ୱର ସରପଞ୍ଚ ଆହ୍ଲାଦିନି ବେହେରା, ଶାନ୍ତ କୁମାର ସରାଫ, ବପିନା ସାହୁ ଯୋଗଦେଇ କୁନିକୁନି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଯୋଷୀ, ଶ୍ୟାମ କୁମାର ମେହେର, ଶୋଭାକର ମାଝି, ଲତିକା ମଞ୍ଜରୀ ରାଉତ, ଲତିକା ରାଉତ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ଦୌଡ଼, ଗୋଲାଫିଙ୍ଗା, ଡିସ୍କସ ଥ୍ରୋ, ମ୍ୟୁଜିକ ଚେୟାର ଭଳି ଅନେକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶିକ୍ଷକ ରତ୍ନାକର ଠେଲା ଖେଳ ପରିଚାଳନା କରିଥିଲେ।

### କେଶରାଜପୁର ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୋଡେନ,୯।୨(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ କେଶରାଜପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆପଡା ବିଧାୟକ ତଥା ମନ୍ତ୍ରୀ ରାଜେନ୍ଦ୍ର ପ୍ରାସାଦ ଢୋଲକିଆ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଧାୟକ ଢୋଲକିଆ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଖୁବଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଖଡିଆଳ ଅଟୋନମସ କଲେଜ ଅଧ୍ୟପିକା ଡା ଗିତାଶ୍ରୀ ପ୍ରୀୟମ୍ବଦା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୂଆପଡା ଜିଲା ପରିଷଦ ଅଧକ୍ଷା ଡଲି ମାଝି, ବୋଡେନ ବିଡିଓ ପ୍ରିୟରଜଞ୍ଜ କୁମାର, ତହସିଲଦାର ରାଜେଶ କୁମାର ମେହେର, ବୋଡେନ ଏବିଓ କ୍ଷମାରାଜ ମହାପାତ୍ର ଏବଂ ସ୍ଥାନୀୟ ବିଦ୍ୟାଳୟ ଅଧକ୍ଷା ଅନିମା ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ସୁନାପୁର ସରପଞ୍ଚ ମୁକ୍ତା ରାଉତ, ଖଇରା ସରପଞ୍ଚ କୈଳାସ ଦଳ, ସ୍କୁଲ କମିଟି ସଦସ୍ୟ ସୋଜନେଶ୍ୱର ସିଂ ମଲ୍ଲିକ ଯୋଗଦେଇଥିଲେ। ଯଦୁମଣୀ ବାରିକ ଓ ସତ୍ୟପ୍ରକାଶ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଓଡିଆ ଶିକ୍ଷକ ତଥା ପୂର୍ବତନ ବିଦ୍ୟାଳୟ ଅଧକ୍ଷ ଜିତେନ୍ଦ୍ର ଗହିର ଧନ୍ୟବାଦ ଦେଇଥିଲେ। ସଭା ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

### ଗଞ୍ଜେଇ ଜବତ, ୨ କୋର୍ଟ ଚାଲାଣ

ନୂଆପଡ଼ା ଅଫିସ,୯।୨: ନୂଆପଡା ଜିଲା ଅବକାରୀ ଅଧକ୍ଷକ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅବକାରୀ ନିରୀକ୍ଷକ ହିରାବତୀ ଥାର୍ଟି ଓ ଏସଆଇ ସଞ୍ଜିବ ବେହେରାଙ୍କ ନେତୃତ୍ୱରେ ୨ଟି ପୃଥକ ସ୍ଥାନରେ ପାଟ୍ରୋଲିଂ କରୁଥିବା ବେଳେ ୨ଜଣ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନୂଆଦିଲ୍ଲୀ ସେକ୍ଟର ୫ ଶ୍ରୀନିବାସ କଲୋନୀର ମହମ୍ମଦ ସୁଜନ (୩୨) ଏବଂ ମଧ୍ୟପ୍ରଦେଶର ଗାଦିରୋଡ ଲକ୍ଷ୍ମଣପୁର ଚରପାନିଆନ ଡୋଲା ଗାଁର ପ୍ରଦୀପ ସନ୍ଧ୍ୟା (୧୯)। ଏସଆଇ ସଞ୍ଜିବ ବେହେରା ଓ ଟିମ ସହିତ ଖରିଆର ରୋଡ ସହରରେ ପାଟ୍ରୋଲିଂ କରୁଥିଲେ। ଜଲାରାମ ମନ୍ଦିର ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଣେ ମହମ୍ମଦଙ୍କୁ ସନ୍ଦେହରେ ଅଟକାଇ ଧରିଥିବା ବ୍ୟାଗକୁ ଖାନତଲାସି କରିଥିଲେ। ବ୍ୟାଗରୁ ୫.୧୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା। ଗଞ୍ଜେଇ ଜବତ କରିବା ସହ ମହମ୍ମଦଙ୍କୁ ଗିରଫ କରିଥିଲା। ସେହିପରି ଅବକାରୀ ନିରିକ୍ଷକ ହିରାବତୀ ଥାର୍ଟିଙ୍କ ନେତୃତ୍ୱରେ ଏକ ଟିମ ଲଖନାଠାରେ ପାଟ୍ରୋଲିଂ କରୁଥିବା ବେଳେ ବିଶ୍ୱସ୍ତସୂତ୍ରରୁ ଖବର ପାଇ ସାଲେପଡାଠାରେ ଗଞ୍ଜେଇ ଚାଲାଣ କରୁଥିବା ପ୍ରଦୀପଙ୍କଠାରୁ ୧୨ କିଲୋ ୫ ଶହ ଗ୍ରାମ ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଛି। ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବା ଅବକାରୀ ଥାନା ଆଇଆଇସି ଗୁପ୍ତେଶ୍ୱର ପଟେଲ ସୂଚନା ଦେଇଛନ୍ତି।

# କୋଠରି ଅଭାବ, ପାଠପଢ଼ା ବ୍ୟାଘାତ

ନୂଆପଡ଼ା ଅଫିସ,୯।୨

**ଅବ୍ୟବସ୍ଥାରେ ଘୋଟସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ୩ କୋଠରିରୁ ୨ ସମ୍ପୂର୍ଣ୍ଣ ଡ୍ୟାମେଜ୍
- ବର୍ଷା ଦିନରେ ଛାତରୁ ଗଳୁଛି ପାଣି
- ୨ ଅତିରିକ୍ତ ଶ୍ରେଣୀ ଗୃହ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଅଧାପନ୍ତରିଆ




ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତ ଘୋଟସର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥାରେ ଗତି କରୁଛନ୍ତି। ବିଦ୍ୟାଳୟ ଶ୍ରେଣୀ କୋଠରି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ୧୯୬୯ ଅଗଷ୍ଟ ୭ରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ଯୋଗୁ ପାଠପଢ଼ା ବ୍ୟାଘତ ହେବା ସହ ଛାତ୍ରୀଛାତ୍ରଙ୍କ ପାଇଁ କୌଣସି ସୁବ୍ୟବସ୍ଥା ନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ୭୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୪ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟରେ ମୋଟ ୩ କୋଠରି ରହିଥିବା ବେଳେ ୨ଟି କୋଠରି ସମ୍ପୂର୍ଣ୍ଣ ଡ୍ୟାମେଜ ହୋଇଯାଇଛି। ଗୋଟିଏ କୋଠରିରେ ୭ଟି ଶ୍ରେଣୀ ଚାଲିଛି। ଶ୍ରେଣୀଗୃହ ଅଭାବ ଯୋଗୁ ଅଷ୍ଟମ ଶ୍ରେଣୀକୁ ବନ୍ଦ କରି ସପ୍ତମ ପର୍ଯ୍ୟନ୍ତ ପାଠପଢା ଚାଲିଛି। ୭ ଶ୍ରେଣୀକୁ ଗୋଟିଏ କୋଠରି ୪ ଶିକ୍ଷକ କେମିତି ଶିକ୍ଷାଦାନ କରୁଥିବେ ତାହା ସହଜେ ଅନୁମେୟ। ଡେମେଜ ଦୁଇ ଶ୍ରେଣୀ କୋଠରିରୁ ଉପର ଛାତରୁସିମେଣ୍ଟ ଅତଡା ଖସିବାରେ ଲାଗିଛି। ବର୍ଷା ଦିନରେ ଛାତରୁ ପାଣି ଗଳିବା ସହ ଛାତ ତଳକୁ ଦବି ଆସୁଛି। କେତେବେଳେ ଛାତ ପଡିଯିବ କାହାରି ମଧ୍ୟ ଅଜଣା। ରୋଷେଇ ଘର ଅବସ୍ଥା ମଧ୍ୟ ଯଥାପୂର୍ବଂ ତଥା ପରଂ। ପାଣି ସମସ୍ୟା ଦ୍ୱିଗୁଣିତ କରି ଦେଇଛି। ଦୁଇଟି ଅତିରିକ୍ତ ଶ୍ରେଣୀ ଗୃହ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଫାଉଣ୍ଡେସନ କରି ଛାଡି ଦିଆଯାଇଛି। ସେହି ଦୁଇ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ହୋଇଗଲେ, ପାଢପଢା ପ୍ରତି ସୁବିଧା ହୁଅନ୍ତା ବୋଲି ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଦୀର୍ଘ ଦିନ ହେଲା ଫାଉଣ୍ଡେସନ ହୋଇ ଅଧାପନ୍ତରିଆ ଭାବେ ପଡି ରହିଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ଦୁଇ ଶ୍ରେଣୀଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ଅନେକ ଥର ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓ, ଡିଇଓ, ଡିଇଓ, ଜିଲାପାଳଙ୍କ ପର୍ଯ୍ୟନ୍ତ ଯାଇ ଗୁହାରି କରି ସାରିଲୁଣି। ହେଲେ କୌଣସି ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ଏଠାରେ ଶିକ୍ଷାର ବିକାଶ କେମିତି ହେବ ବୋଲି ଭାଜପା ପାତାଲେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁର ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ସୁଶାନ୍ତ ରଣାଙ୍କୁ ପଚାରିବାରୁ ମୁଁ ତଦନ୍ତ କରି ଆସିଛି। ସରପଞ୍ଚଙ୍କ ସହିତ କଥା ହୋଇ ଗୋଟିଏ ମାସ ଭିତରେ ରିପାରିଂ କାମ ଆରମ୍ଭ କରିବୁ ବୋଲି କହିଥିଲେ।

# ପିଡବ୍ଲ୍ୟୁଡି ଏସ୍‌ଡିଓଙ୍କୁ ଦାବିପତ୍ର, ସମାଧାନ ନ ହେଲେ ଆନ୍ଦୋଳନ



ଦାବିପତ୍ର ଦେବାକୁ ଆସିଥିବା ପଡ଼ାବାସୀ।

ଭବାନୀପାଟଣା,୯।୨(ସ୍ୱ.ପ୍ର.)

- ରାସ୍ତା କାମ ଅଧାପନ୍ତରିଆ
- ଧୂଳି, କ୍ରଶର ଗୁଣ୍ଡରେ ପଡ଼ାବାସୀ ଅତିଷ୍ଠ

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଚୁରି ହାରୀପଡାରୁ ରାମ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି କାମ ଗତ ଦେଢ ମାସରୁ ଊର୍ଦ୍ଧ୍ୱ ହେବ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହାକୁ ନେଇ ସ୍ଥାନୀୟ ପଡାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ରାସ୍ତାରେ ମରାମତି ପାଇଁ ପକାଯାଇଥିବା ଡଷ୍ଟ ଓ କ୍ରଶର, ଧୂଳି ଗୁଣ୍ଡ ଉଡିବା ଯୋଗୁ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡିଲେଣି। ସେହିପରି ରାସ୍ତା ପାର୍ଶ୍ୱରେ ଥିବା ଘର ଗୁଡିକୁ ଧୂଳି ଗୁଣ୍ଡ ଉଡିବା ଯୋଗୁ ସେଠାରେ ରହୁଥିବା ଛୋଟଛୋଟ ପିଲାମାନଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସମସ୍ୟା ସୃଷ୍ଟି କରିଛି। ଏହି ରାସ୍ତା ପିଡବ୍ଲ୍ୟୁଡି ବିଭାଗ ଅଧୀନରେ ହେଉଥିବାବେଳେ ଏପରି ସମସ୍ୟା ପ୍ରତି ଦୃଷ୍ଟି ନ ଦେବା ବିଭାଗ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିସ୍ଥଳେ ଗୁରୁବାର ସ୍ଥାନୀୟ ସାମାଜିକ କର୍ମୀ ରୋହିତ ଦୁର୍ଗାଙ୍କ ନେତୃତ୍ୱରେ ଉକ୍ତ ପଡାର ରବୀନ୍ଦ୍ର ନାଥ ସାହୁ, ବିମଳ ସାହୁ, ସନ୍ତୋଷ ଦାଶ, ଧ୍ରୁବ ସାହୁ ପ୍ରମୁଖ ଭବାନୀପାଟଣାସ୍ଥିତ ପିଡବ୍ଲୁଡି ଏସ୍‌ଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାକୁ ଶୀଘ୍ର ମରାମତି କରିବାକୁ ସେମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପିଡବ୍ଲୁଡି ଅଫିସ ଆଗରେ ଧାରଣା ଦିଆଯିବା ସହ ରାସ୍ତାରୋକୋ ଆନ୍ଦୋଳ କରିବା ପାଇଁ ସେମାନେ ଚେତାବନୀ ଦେଇଛନ୍ତି। ତେବେ ବିଭାଗୀୟ ଏସଡିଓ ଆସନ୍ତା ୨ ଦିନ ଭିତରେ ଏହାର ସମାଧାନ କରାଯିବ ବୋଲି କହିଥିବା ଜଣାପଡିଛି।

# ଜେ.ଡି. କଲେଜର ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ




ରିଷିଡା ଜଗନ୍ନାଥ ଡିଗ୍ରୀ କଲେଜର ରୌପ୍ୟ ଜୟନ୍ତୀ ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କର୍ଲାମୁଣ୍ଡା,୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀର ପ୍ରଥମ ଅଧିବେଶନରେ କର୍ଲାମୁଣ୍ଡା ତହସିଲଦାର ମିଳନ କୁମାର ଝାଙ୍କର ମୁଖ୍ୟଅତିଥି, ଡୁଙ୍ଗୁରିପାଲି କଲେଜ ଇତିହାସ ପ୍ରାଧ୍ୟାପକ କିଶୋର ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ଅଧକ୍ଷ ଗଦାଧର ପଧାନ ସଭାପତିତ୍ୱ କରିଥିବା ବେଳେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ସଥପଥି ବିଶିଷ୍ଟ ଅତିଥି, ପୂର୍ବତନ ବିଧାୟକ ଧନେଶ୍ୱର ମାଝି, ବ୍ଲକ ଅଧକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଗଜବାହାଲ ସରପଞ୍ଚ ଅରବିନ୍ଦ ଗହୀର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷିତ ହେବା ସହ ଭଲ ମଣିଷଟିଏ ହେବାକୁ ପରାମର୍ଶ ଦେଇଥିଲେ। ଆବାହକ ନରୋତ୍ତମ ସେଲମା ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ହିରୋଜ ଚାନ୍ଦ ସ୍ୱାଗତ ଭାଷଣ ଓ ଅଧାପକ ଶରତ ସାହୁ ଧନ୍ୟବାଦ ଦେଇଥିଲେ। ଗଙ୍ଗାଧର ରଣା ଓ ମଧୁସୂଦନ ବାଗ ପରିଚାଳନା କରିଥିଲେ। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ବିଧାୟକ ଭୂପିନ୍ଦର ସିଂ, ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ହଳଧର ନାଗ, ସମ୍ମାନିତ ଅତିଥି ଭାବେ ଦହିତା କଲେଜ ବରଗଡର ଇଂଲିଶ ଅଧାପକ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଇଂଲିଶ ଅଧାପକ ହିରୋଜ କୁମାର ଚାନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧାପକ ଘନଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ନରୋତ୍ତମ ସେଲମା ସଭା ସଂଯୋଜନା କରିଥିଲେ।

ଅପରାହ୍ନ ଅଧିବେଶନରେ ବିଡିଓ ସୁଶ୍ରୀ ସୁଚରିତା ମୁଗ୍ରୀ ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ କ' ଜୋନ ମହେନ୍ଦ୍ର ରଣା, ରିଷିଡା ସରପଞ୍ଚ ସେବତୀ ରଣା, ପୌରକେଲା ସରପଞ୍ଚ ଯଶୋସ୍ୱନୀ ଧରୁଆ, ରିଷିଡା ସମିତିସଭ୍ୟ ନିମାଁଇଚରଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସଦସ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସମସ୍ତ ଅଧାପକ, କର୍ମଚାରୀ, ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ପଦୋନ୍ନତି ପାଇଥିବା ଗ୍ରେଡ୍ ୪ ଗ୍ରାଜୁଏଟ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କୋକସରା,୯।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ୧୦ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗ୍ରେଡ ୪ ଗ୍ରାଜୁଏଟ ମାନ୍ୟତ ମିଳିଛି। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାଉନସେଲିଂ ପରେ ପଦୋନ୍ନତି ପାଇଛନ୍ତି। ସୂଚନା ଅନୁସାରେ କୋକସରା ବ୍ଲକ ଶିକ୍ଷା ବିଭାଗରୁ ଗ୍ରେଡ ୪ ଗ୍ରାଜୁଏଟ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଆଗାମୀ ୭ ଦିନ ମଧ୍ୟରେ କାଉନସେଲିଂ ହୋଇଥିବା ସ୍କୁଲରେ ଯୋଗଦାନ କରିବାକୁ ବ୍ଲକ ଗୋଷ୍ଠି ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହି ନିର୍ଦ୍ଦେଶ ଅନୁସାରେ ବ୍ଲକର ଝରିଆଗୁଡା ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଗୋବର୍ଦ୍ଧନ ବେମାଲ, ବରାଡଙ୍ଗା ୟୁପି ସ୍କୁଲ ଶିକ୍ଷକ ଭାବେ ଭୁବନେଶ୍ୱର ଛାତ୍ରିଆ, ସୁପାଡ଼ ୟୁପି ସ୍କୁଲ ଶିକ୍ଷୟିତ୍ରୀ ଭାବେ ସ୍ୱର୍ଣ୍ଣଲତା ପାଳ, ଟେମରା ୟୁପି ସ୍କୁଲ ଶିକ୍ଷକ ଭାବେ ସଞ୍ଜୟ କୁମାର ପୁଝାରି, ବଡ଼କେନ୍ଦୁଗୁଡା ୟୁପି ସ୍କୁଲ ଶିକ୍ଷକ ଭାବେ ଶରତ ଚନ୍ଦ୍ର ପୂଝାରୀ, ବଡ଼ପୋ ୟୁପି ସ୍କୁଲ ଶିକ୍ଷୟିତ୍ରୀ ଭାବେ ବୀଣାପାଣି ମାଝି, ଆଇଁଲି ୟୁପି ସ୍କୁଲ ଶିକ୍ଷକ ଭାବେ ମହେନ୍ଦ୍ର ନାଥ ମାଝି, ପୀତବାସପୁର ୟୁପି ସ୍କୁଲ ଶିକ୍ଷକ ଭାବେ ଦେବେନ୍ଦ୍ର ମାଝି, ସରଧାପୁର ୟୁପି ସ୍କୁଲ ଶିକ୍ଷୟିତ୍ରୀ ଭାବେ ଉର୍ମିଳା ନାଏକ ଓ କାଉଡୋଳା ୟୁପି ସ୍କୁଲ ଶିକ୍ଷକ ଭାବେ ଜୟଶଙ୍କର ପାଠିଙ୍କୁ ଗ୍ରେଡ ୪କୁ ପଦୋନ୍ନତି ପାଇ ଯୋଗଦେଇଛନ୍ତି। ପଦୋନ୍ନତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୋକସରା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ନେମାଲ ଚନ୍ଦ୍ର ବାଗ, ବିଆରସିସି ତୋଫାନ ମାଝି, ସେକ୍ସନ ଅଫିସର ବିଜୟ କୁମାର ବେହେରା, ଶିକ୍ଷକ ବିର କିଶୋର ନାଗ, ନୋଡାଲ ସିଆରସିସି ବୈକୁଣ୍ଠ ଜାଲ, ଶିକ୍ଷକ ଅଜିତ ସାହୁଙ୍କ ସହ ଅନ୍ୟ ଅଧିକାରୀ ଓ ଶିକ୍ଷକ ସ୍ୱାଗତ କରିଛନ୍ତି।

# ରାଧାକୃଷ୍ଣ କ୍ରିକେଟ୍ କପ୍: ବରଗାଁ ବିଜୟୀ



ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

ଖଡ଼ିଆଳ,୯।୨(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ପୁଟୁପଡା ଖେଳ ପଡିଆଠାରେ ୭ତମ ରାଧାକୃଷ୍ଣ କ୍ରିକେଟ କପ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ଓ ସଂଯୋଜନା ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ବିଜେଡି ଉପସଭାପତି ମନୋଜ ଦୀପ, ନଗର ସଭାପତି ଦୀପକ କୁମାର ଖମାରି, ନିକୁଞ୍ଜ ମହାଉତି ଯୋଗଦେଇଥିଲେ। ପ୍ରଥମ ଦିନର ଖେଳରେ ବରଗାଁ ଓ ମାଡ଼ୋଶୀଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବରଗାଁ ଦଳ ଟସ ଜିଣି ୨୦ ଓଭରରେ ପାଞ୍ଚ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ମାଡ଼ୋଶୀଳ ଦଳ ସମସ୍ତ ଉଇକେଟ ହରାଇ ୮୪ ରଂନ ସଂଗ୍ରହ କରି ପରାସ୍ତ ହୋଇଥିଲା। ବରଗାଁ ଦଳ ୧୫୦ ରନରେ ବିଜୟୀ ହୋଇଥିଲା। ଧାରା ବିବରଣୀ ସିବଦତ୍ତ କୁମାର ଓ ନନ୍ଦୁ ଶବର ଦେଇଥିବାବେଳେ କମିଟି ସଦସ୍ୟ ମନୋଜ ଶବର, ସୌରଭ କୁମାର ନାଗ, ବନ୍ତ ଶବର, ଦିବ୍ୟ ଶବର, ନାଟ ଶବର, ଖାଗେ ଶବର, ଗିରିଧାରୀ ଶବର, ସୁଦାମ ୟୁଏଡ ପ୍ରମୁଖ ସହଯୋଗ କରିଥିଲେ। ଏହି କ୍ରିକେଟ ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିବା ବେଳେ ଆଗାମୀ ୨୧ ତାରଖରେ ଫାଇନଲ ଖେଳ ଅନୁଷ୍ଠିତ ହେବ।

# ସଙ୍ଗଠନକୁ ମଜଭୁତ୍ କରିବାକୁ ଆହ୍ୱାନ

ଭବାନୀପାଟଣା,୯।୨(ସ୍ୱ.ପ୍ର.)



ବୈଠକରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା।

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଏକ ହୋଟେଲର କନଫରେନ୍ସ ହଲଠାରେ କଂଗ୍ରେସର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା ସାଗର ଚରଣ ଦାସଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ କଂଗ୍ରେସ ଆଗାମୀ ଦିନରେ କିଭଳି ଭାବେ ସୁଦୃଢ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ଭବାନୀପାଟଣା ପୌରପାଳିକାର ପ୍ରତିଟି ୱାର୍ଡର କାଉନସିଲର ପ୍ରାର୍ଥୀ ଓ ଅଧକ୍ଷା ପାର୍ଥନୀ ଉପସ୍ଥିତ ଥିଲେ। ବୈଠକରେ ସଚିନ କୁମାର ନାଏକ ଅଧକ୍ଷତା କରିଥିବାବେଳେ ସାହେବ ପ୍ରସାଦ ଦୀପ ପରିଚାଳନା କରିଥିଲେ। ବୈଠକରେ ମନ୍ଦାକିନୀ ବାଣୁଆ, ଲକ୍ଷ୍ମୀପ୍ରିୟା ନାଏକ, ରୀତା ପରାଭୋଇ, ଚାରୁଲତା ପାତ୍ର, ଚାନ୍ଦିନୀ ନାଏକ, ବରଦାନ ଚୌହାନ, ପ୍ରିତମ ବେହେରା, ବରୁଣ ପରାଭୋଇ, ଚୈତନ୍ୟ ପଟେଲ ଓ ମଞ୍ଜିତ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ନୂଆପଡ଼ା ଅଫିସ,୯।୨

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଠା ଜଳସେଚନ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଜିଲା ପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ, ଖଡିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଯୁଗଳ କିଶୋର ଖଟୁଆ, ମଧ୍ୟମ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବ ପ୍ରସାଦ ମହାନ୍ତ, ଖଡିଆଳ କେନାଲ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଗୋବର୍ଦ୍ଧନ ନାଏକ, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ରଘୁନାଥ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଉଠା ଜଳସଚନ ନିଗମ ନୂଆପଡା ବିଭାଜନ ନିର୍ବାହୀ ଯନ୍ତ୍ରୀ ଶିରିସ ଚନ୍ଦ୍ର ମୁଣ୍ଡା ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ବିଇଓଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

ସିନାପାଲି,୯।୨(ଡି.ଏନ.ଏ.)



**ବରଗାଁ ଲିମପଡା ପ୍ରାଥମିକ ବିଦ୍ୟାଳୟ**

- ଶିକ୍ଷକଙ୍କ ଅବହେଳା ନେଇ ଅଭିଯୋଗ

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବରଗାଁ ଲିମପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅବହେଳା କରୁଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଅଭିଭାବକ ତଥା ପରିଚାଳନା କମିଟି ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟ ୨୦୦୭ରେ ପ୍ରତିଷ୍ଠିତ ହୋଇଥିବା ବେଳେ ବର୍ତ୍ତମାନ ବିଦ୍ୟାଳୟର ପାଞ୍ଚଟି ଶ୍ରେଣୀରେ ମୋଟ ୬୩ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୩ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ଅଭିଯୋଗପତ୍ରରେ ଶିକ୍ଷକମାନେ ବିଦ୍ୟାଳୟକୁ ବିଳମ୍ବରେ ଆସୁଥିବା ସହ ମଧ୍ୟାହ୍ନ ଭୋଜନ ବଣ୍ଟନ ସମୟରେ ଛାତ୍ରୀଛାତ୍ରଙ୍କ ମଧରେ ପାତରଅନ୍ତର କରୁଥିବା ଉଲ୍ଲେଖ କରାଯାଇଛି। ଛାତ୍ରୀଛାତ୍ରମାନଙ୍କ ମଧରେ କୌଣସି ବିଶୃଙ୍ଖଳା ସୃଷ୍ଟି ହେଲେ ଶିକ୍ଷକମାନେ ସମାଧାନ କରୁନାହାନ୍ତି। ଏ ନେଇ ବାରମ୍ବାର ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ବି କୌଣସି ସୁଫଳ ମିଳି ନ ଥିବା ପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ଡୋଲାମଣି ମେହେର ନିଜ ଦାୟିତ୍ୱରେ ଅବହେଳା କରୁଥିବା ଅଭିଭାବକମାନେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପତ୍ରରେ ବିଦ୍ୟାଳୟର ପିତୃମଞ୍ଚ, ମାତୃମଞ୍ଚ ତଥା ପରିଚାଳନା କମିଟି ସଦସ୍ୟ ସଦସ୍ୟା ଯୁଧିଷ୍ଠିର ଜଗତ, ହସିତ ଜଗତ, ଜଗମୋହନ ସୁନାନୀ, ଜଳନ୍ଧର ସୁନାନୀ, ଗୁପ୍ତେଶର ସୁନାନୀ, ଦେବ ସୁନାନୀ, ରଶ୍ମିତା ସୁନାନୀ, ଅକାଲୁ ଲୁହାର, ବିଭିଶନ ବାଗ, କୈକେୟୀ ତାଣ୍ଡି, ଲକ୍ଷ୍ମୀ ତାଣ୍ଡି, ସଞ୍ଜୟ ସୁନାନୀ, ମହେନ୍ଦ୍ର ସୁନାନୀ, କୈବଲ ସୁନାନୀ, ସୁମିତା ବିଶି, ଗୋଲେକ ବିଶି ପ୍ରମୁଖ ସାକ୍ଷର କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ମେହେରଙ୍କୁ ପଚାରିବାରୁ ଘଟଣାକୁ ଖଣ୍ଡନ କରିଛନ୍ତି। ଛୋଟଛୋଟ ପିଲାଙ୍କ ଘଟଣା କହି କୌଣସି ପ୍ରକାରପାତର ଅନ୍ତର କିମ୍ବା ଦାୟିତ୍ୱରେ ଅବହେଳା କରୁ ନ ଥିବା କହିଛନ୍ତି। ଶୁକ୍ରବାର ଆମ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ହେବାର ସ୍ଥିର କରାଯାଇଛି। ସେ ଉପରେ ଆଲୋଚନା କରି ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ସିନାପାଲି ଭାରପ୍ରାପ୍ତ ବିଇଓ ରୁଦ୍ରେଶ୍ୱର ମେହେରଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ସମସ୍ୟା ସମାଧାନ ନ ହେଲେ ଛାତ୍ରୀଛାତ୍ରମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ବାଧ ହେବୁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ ନେଇ ପ୍ରସ୍ତୁତି ବୈଠକ

ବୌଦ୍ଧ,(ସ୍ୱ.ପ୍ର.): ଆସନ୍ତା ୧୧ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଥିବା ବେଳେ ବୌଦ୍ଧ ଜିଲା ଦୌରଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ବିକ୍ରମ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା ନ୍ୟାୟାଳୟ ବୌଦ୍ଧ, କନ୍ଧମାଳ ନ୍ୟାୟାଳୟ ଏବଂ ଚାରିଛକ ନ୍ୟାୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ରଥ ଜିଲା ନ୍ୟାୟାଳୟ ବୌଦ୍ଧ ଠାରୁ ବାହାରି ଜିଲାର ବିଭିନ୍ନ ଜାଗା ପରିକ୍ରମା କରିଥିଲା।

# ବଢୁଛି ଦୁର୍ଘଟଣା, ୨୦୨୨ରେ ଗଲା ୮୮ ଜୀବନ

ସୋନପୁର,୯।୨(ନି.ପ୍ର.)



ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଅତିରିକ୍ତ ଜିଲାପାଳ ଓ କମିଟିର ସଭ୍ୟ ବୃନ୍ଦ।

ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। କମିଟିର ଆବାହକ ତଥା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମ ଓ ପୋଲିସ-ପରିବହନ ବିଭାଗର ମିଳିତ ତନଖି ସତ୍ତ୍ୱେ ସୁବର୍ଣ୍ଣପୁର ଜିଲାରେ ସଡକ ଦୁର୍ଘଟଣା ବୃଦ୍ଧି ପାଇବା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା ଓ ହେଲମେଟ୍ ନ ପିନ୍ଧି ବାଇକ୍ ଚଳାଇବା କାରଣରୁ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ୨୦୨୨ ମସିହା ଜାନୁୟାରୀରୁ ଡିସେମ୍ବର ମାସ ମଧ୍ୟରେ ଜିଲାରେ ୧୮୪ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୮୮ଜଣଙ୍କ ଜୀବନହାନି ଘଟିଥିବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

ସଡକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ୨୦୨୧ରେ ସୁବର୍ଣ୍ଣପୁର ଜିଲା ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିଲା। ତେବେ ୨୦୨୧ ତୁଳନାରେ ୨୦୨୨ରେ ଦୁର୍ଘଟଣାରେ ଅଧିକ ୨୪ଜଣଙ୍କ ମୃତ୍ୟୁ ହୋଇଛି। ସଡକ ଦୁର୍ଘଟଣା ରୋକିବାକୁ ଜିଲାରେ ନିୟମିତ ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ଜିଲାସ୍ତରୀୟ ସୁରକ୍ଷା ପରିଚାଳନା ବୈଠକ ଅନୁଷ୍ଠିତ ହେଉଛି। ଦୁର୍ଘଟଣା ହ୍ରାସ ପାଇଁ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଥିବା ବୁଲାଣି ଏବଂ ଦୁର୍ଘଟଣାପ୍ରବଣ ସ୍ଥାନରେ ସୂଚନା ଫଳକ ଲଗାଯାଇଛି। ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କୁ ମୋଟର ଯାନ ଆଇନ ଓ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରାଯାଉଛି। ଶତପ୍ରତିଶତ ହେଲମେଟ ବ୍ୟବହାର ପାଇଁ ବାଇକ୍ ଆରୋହୀଙ୍କୁ ପରାମର୍ଶ ଦିଆଯାଉଛି। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚ, ହେଲମେଟ ଚେକିଂ, ଦ୍ରୁତ ଗତିରେ ଗାଡିଚାଳନା, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କଡାକଡି, ତିନି ଜଣ ବସିଥିବା ବାଇକ ଚାଳକ ଓ ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାସତ୍ତ୍ୱେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ଆଗାମୀ ଦିନରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚକୁ ଆହୁରି କଡାକଡି କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ସୂଚନା ଦେଇଥିଲେ।

ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ଜିରୋ ଫାଟାଲିଟି ଉଇକ୍(ଦୁର୍ଘଟଣା ଜନିତ ମୃତ୍ୟୁକୁ ଶୂନ) କରିବା ପାଇଁ ଜିଲାସ୍ତରରେ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମ ପାଳନ କରାଯିବ। ଜିଲାର କଳାପଥର, ବାଙ୍କିପାଲି, ମେଟାକାନୀ, ବିଶାଳପାଲି, ମହୁଲପାଲି, ରଥପୁର ଓ ବୁଢାରାଜା ଛକରେ ଏପ୍ରିଲ ୧ ରୁ ୭ ତାରିଖ ମଧ୍ୟରେ ଯାନବାହାନ ଯାଞ୍ଚ ସହିତ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲାର ଗୁରୁତ୍ୱପୂର୍ଣ୍ଣ ରାସ୍ତାଗୁଡିକର ଦୁର୍ଘଟଣା ପ୍ରବଣ ସ୍ଥାନରେ ସୂଚନା ଫଳକ ଲଗାଇବା ସହିତ ଜାତୀୟ ରାଜପଥ-୫୬ର ଚେରୁପାଲିରୁ ଚିନାଜୁରି ପର୍ଯ୍ୟନ୍ତ

### ଯାନବାହାନ ଯାଞ୍ଚ କଡ଼ାକଡ଼ି କରାଯିବ

ମରାମତି କରିବାକୁ ଅତିରିକ୍ତ ଜିଲାପାଳ ଦାଶ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସହରାଞ୍ଚଳରେ ଯାତାୟତରେ ବାଧା ସୃଷ୍ଟି କରୁଥିବା ବେଆଇନ ବିଜ୍ଞାପନ ହୋର୍ଡିଂ, ବୁଲା ଗାଇଗୋରୁ, କୁକୁର ଓ ରାସ୍ତାରୁ ଜବରଦଖଲ ହଟାଇବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱରଞ୍ଜନ ପତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଜାତୀୟ ରାଜପଥ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିରେନ୍ଦ୍ର କୁମାର ମହାପାତ୍ର, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ସଡକ ସୁରକ୍ଷା କମିଟି ସଭ୍ୟ ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ, ରେଆର ସମ୍ପାଦକ ଅନଙ୍ଗ ନେଗୀ, ଜୁନିୟର ଏମଭିଆଇ ଲୋକନାଥ ନାୟକ, ଟ୍ରାଫିକ ସବ୍ ଇନ୍ସପେକ୍ଟର ପୂଜା ଭେଗ୍ରା, ମ୍ୟୁନିସିପାଲିଟି ନିର୍ବାହୀ ଯନ୍ତ୍ରୀ ଇଂ ଯଯାତି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡିସିଏ ବୌଦ୍ଧକୁ ହରାଇ ଏସିସି ଅନୁଗୋଳ ସେମିରେ



ଖେଳାଳି ଓ ଅତିଥି।

ବୌଦ୍ଧ,୯।୨(ସ୍ୱ.ପ୍ର.)

### ବୌଦ୍ଧ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଜିଲା ଷ୍ଟାଡିୟମ ଠାରେ ଚାଲିଥିବା ବୌଦ୍ଧ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ମ୍ୟାଚ୍ ଗୁରୁବାର ଦିନ ଏସିସି ଅନୁଗୋଳ ଓ ଡିସିଏ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନୁଗୋଳ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ମ୍ୟାଚ୍‌ରେ ୮ ଉଇକେଟ୍ ବିନିମୟରେ ୧୨୪ ରନ ସଂଗ୍ରହ କରିଥିଲା। ଅପରପକ୍ଷରେ ବୌଦ୍ଧ ଦଳ ୧୨୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୧୮. ୪ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୮୦ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଅନୁଗୋଳ ୪୪ ରନରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌କୁ ଆମ୍ପାୟର ଶ୍ୟାମ ସୁନ୍ଦର ପଣ୍ଡା ଓ ବିଶ୍ୱମ୍ବର ମହାକୁଡ ପରିଚାଳନା କରିଥିଲେ। ମହେଶ କୁମାର ମଲ୍ଲିକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଦିନ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଏସିସି ଅନୁଗୋଳ ଓ ଡିସିଏ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।

# ବାଲ୍ୟ ବିବାହମୁକ୍ତ ଅଞ୍ଚଳ ପାଇଁ ସଚେତନତା ରାଲି

ବାଉଁଶୁଣୀ,୯।୨(ଡି.ଏନ.ଏ.)

ବୌଦ୍ଧ ଜିଲା ବାଲ୍ୟ ବିବାହ ମୁକ୍ତ କରିବା ଉଦ୍ଦେଶ୍ୟରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ଜମଘାଟି ଗ୍ରାମରେ ଗୁରୁବାର ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଅଞ୍ଚଳ ପାଇଁ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ରାଲିରେ ମହିଳାମାନେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବାଲ୍ୟ ବିବାହ ରୋକିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ୧୮ବର୍ଷରୁ କମ ବୟସର ଝିଅର ବିବାହ ରୋକିବା ଦିଗରେ ସଚେତନ କରାଯାଇଥିଲା। ଏହାପରେ ବାଲ୍ୟ ବିବାହ ମୁକ୍ତ ନେଇ ଶପଥପାଠ କରାଯାଇଥିଲା। ଏଥିରେ ବୌଦ୍ଧ ସିଡିପିଓ ମିନତୀ ଦେଓ, ସୁପରଭାଇଜର ସୁନିତା ଦାସ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ,ଏସଏଚଜି ସଦସ୍ୟା, କିଶୋରୀ କିଶୋର ଓ ଗ୍ରାମର ବହୁ ମହିଳା ଉପସ୍ଥିତ ଥିଲେ। ସେହିପରି ଅଳାଁପାଲି ପଞ୍ଚାୟତର ଟାଟରକିଲା ଗ୍ରାମରେ ବାଲ୍ୟ ବିବାହ ମୁକ୍ତ ସଚେତନତା ରାଲି ହୋଇଥିଲା। ପୂର୍ବରୁ ଉପରୋକ୍ତ ଦୁଇ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି।

# ସୋନପୁର ଦଳ ଚାମ୍ପିୟନ




ଅତିଥିଙ୍କ ସହ ଖେଳାଳି।

ତରଭା, ୮।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ହାଇସ୍କୁଲ ଖେଳପଡିଆ ଠାରେ ଚାଲିଥିବା ରାଜ୍ୟସ୍ତରୀୟ ଚତୁର୍ଥ ଗୋପବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ସୋନପୁର ଓ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ଦଳ ୪- ୦ ଗୋଲରେ କଟକ ଦଳକୁ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କର୍ଣ୍ଣ ଯୋଗ ଦେଇଥିଲେ। ସମ୍ମାନିତ ଭାବେ ଜିଲା କ୍ରୀଡା ଅଧିକାରୀ ଅଭିଳାଷ ପୁରୋହିତ, ଏନଏସି ଅଧ୍ୟକ୍ଷା ବନ୍ଦିତା ନାଏକ, ଏନଏସି

### ରାଜ୍ୟସ୍ତରୀୟ ଗୋପବନ୍ଧୁ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଉପାଧ୍ୟକ୍ଷ ଗଗନ ଅଗ୍ରୱାଲ,ସଂଶିତ ସାହୁ, ଆକାଶ ସାହୁ, ସଞ୍ଜୁ ଅଗ୍ରୱାଲ, ପ୍ରଭୁଦତ୍ତ ମିଶ୍ର, ରଘୁନାଥ ସାହୁ, ଦୁର୍ଗା ପ୍ରସାଦ ଷଡଙ୍ଗୀ, ପଙ୍କଜ ଅଗ୍ରୱାଲ, ପ୍ରଦୀପ ମାହାଣା, ସୁବାସ ସେଠୀ ମଞ୍ଚାସୀନ ଥିଲେ। ଫାଇନାଲ ମ୍ୟାଚ ଉଦ୍‌ଯାପନୀ ଉତ୍ସବରେ ସଭାପତି ଜନାର୍ଦ୍ଦନ ଥାନାପତି ଅଧ୍ୟକ୍ଷତା କରିଥିଲେ। ବିଜେତା ସୋନପୁର ଦଳକୁ ଟ୍ରଫି ସହ ୧୫ହଜାର ଟଙ୍କା ଓ ଉପ ବିଜେତା କଟକ ଦଳ କୁ ଟ୍ରଫି ସହ ୧୦ହଜାର ଟଙ୍କା ଅତିଥିମାନେ ପ୍ରଦାନ କରି ପୁରସ୍କୃତ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଓ ବେଷ୍ଟ ପ୍ଲେୟାର ଭାବେ ସୋନପୁର ଦଳର ବିଟୁ, ବେଷ୍ଟ ଗୋଲ କିପର ଭାବେ ସୋନପୁର ଦଳର ଶିବ ଲାଲ, ବେଷ୍ଟ ଡିଫେନ୍ସ ଖେଳାଳି ସୋନପୁର ଦଳର ସିରାଜ ଖାନ ଓ ବେଷ୍ଟ ଖେଳାଳି ଭାବେ କଟକ ଦଳର ମଧୁ ଯାନୀଙ୍କୁ ଅତିଥିମାନେ ଟ୍ରଫି ସହ ନଗଦ ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ। ଖେଳ ପରିଚାଳନା କରିଥିଲେ ପିଇଟି ସଞ୍ଜୀବ ସାହୁ, ସକିଲ ମହମ୍ମଦ, ସୁଜିତ ରାଜହଂସ, ଅଶୋକ ବରୁଡ଼ି। ହିରଣ୍ମୟ ପଟ୍ଟନାୟକ, ସୁଧୀର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ମଧୁସୂଦନ ପାଣ୍ଡେ, ରଶ୍ମିରଞ୍ଜନ ଦାସ, ସୁରେନ୍ଦ୍ର ଦଳବେହେରା, ଶଙ୍ଖନାଦ ମହଲା, ବିମଳ ମାହାଣା, ସୁଜିତ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ। ନବୋଦୟ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଜାତୀୟ ସଙ୍ଗୀତ ଗାନ କରିବା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପ୍ରାଥମିକ କପା ସମବାୟ ସମିତି ଗଠନ ନେଇ ନିଷ୍ପତ୍ତି

ଅମରପାଲି,୯।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ କପାଚାଷୀଙ୍କୁ ନେଇ ପ୍ରାଥମିକ କପା ସମବାୟ ସମିତି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ କପା ଚାଷୀମାନେ କପାଚାଷ କରୁଛନ୍ତି। ସରକାର କପା ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କପା ଚାଷୀଙ୍କୁ ନେଇ ବ୍ଲକରେ ୫ଶହ ସଭ୍ୟଙ୍କୁ ନେଇ ୨ଟି ପାକ୍ସ ଗଠନ କରିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆଗକୁ ପୁଣି କପା ଚାଷୀଙ୍କୁ ନେଇ ପାକ୍ସ ଗଠନ କରାଯିବ ବୋଲି ଜଣାଯାଇଛି। ଗୁରୁବାର ବୀରମହାରାଜପୁର ବ୍ଲକ ବଡଖମାରଠାରେ ଥିବା ଆରଏମସି କପା ମଣ୍ଡି ପରିସରରେ ଅନୁଷ୍ଠିତ ବୈଠକରେ ବ୍ଲକର ୧୦ଟି କୃଷି ପାକ୍ସ ଅଧୀନ ବହୁ କପାଚାଷୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସୋନପୁର ଡିଆରସିଏସ ଦମୟନ୍ତୀ ସିଂ ଯୋଗଦେଇ ଉପସ୍ଥିତ କପା ଚାଷୀଙ୍କୁ କପା ଚାଷୀ ହିସାବରେ ପଞ୍ଜୀକରଣ କରିବା ସହିତ ୫ଶହ କପା ଚାଷୀଙ୍କୁ ନେଇ ଏକ ପାକ୍ସ ଗଠନ କରିବାକୁ କହିଥିଲେ। କପା ଚାଷ ପାଇଁ ସରକାରଙ୍କ ନିୟମ ମୁତାବକ ୧ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ସହିତ ସାର, ଔଷଧ ମଧ୍ୟ ରିହାତି ଦରରେ ପାଇ ପାରିବେ ବୋଲି ସେ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ ଗଜେନ୍ଦ୍ର ପଣ୍ଡା, ଆରଏମସି ସମ୍ପାଦକ ମନୋଜ କୁମାର ଜେନା, ବରିଷ୍ଠ ଚାଷୀ ତଥା କେନଝରିଆପାଲି ପାକ୍ସ ସଭାପତି ରାଜଗୋପାଳ ପାଣିଗ୍ରାହୀ, ଜଟେସିଂହା ପାକ୍ସ ସଭାପତି ତଥା ଆଇନଜୀବୀ ଯତୀନ କୁମାର ପାଣିଗ୍ରାହୀ ଓ ଜ୍ଞାନେନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ କପା ଚାଷୀ ଓ ଚାଷ ଉପରେ ମତ ରଖିଥିଲେ। ବ୍ଲକରେ ଦୁଇଟି ପାକ୍ସ ଗଠନ ହେବାକୁ ଥିବା ବେଳେ ଉକ୍ତ ପାକ୍ସ ପାଇଁ ସଂଗଠକ ଭାବେ ନୀଳକମଳ ମିଶ୍ର, ରଞ୍ଜନ ମିଶ୍ର ଓ ସୁବ୍ରତ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ କେନଝରିଆପାଲି ସେବା ସମବାୟ ସମିତି ସମ୍ପାଦକ ରାଜେନ୍ଦ୍ର ପଧାନ, ଜଟେସିଂହା ସମ୍ପାଦକ ଘନଶ୍ୟାମ ପଧାନ, ଖଣ୍ଡହତା ସମ୍ପାଦକ ହରପ୍ରସାଦ ପ୍ରଧାନ, ହିଲୁଙ୍ଗ ସମ୍ପାଦକ ପ୍ରଭାସ ସାହୁ, ପିତାମହୁଲ ସମ୍ପାଦକ ହିମାଂଶୁ ପଧାନଙ୍କ ସହିତ ଶତାଧିକ କପା ଚାଷୀ ଉପସ୍ଥିତ ଥିଲେ।



ବୈଠକରେ ଯୋଗ ଦେଇଥିବା ଅଧିକାରୀ।

# ଭାଜପାର ମୁଣ୍ଡାପଡ଼ା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ବୌଦ୍ଧ,୯।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ଭାଜପାର ମୁଣ୍ଡାପଡା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ମଣ୍ଡଳ ସଭାପତି ଯୀଶୁ ପ୍ରଧାନଙ୍କ ସଭାପତିତ୍ୱରେ ଟିକରପଡା ପଞ୍ଚାୟତର ତାମ୍ବିଦରହଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲା ସଭାପତି ବିପ୍ରଚରଣ ମହାନ୍ତି ଯୋଗଦେଇ ଦଳ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ବରିଷ୍ଠ ନେତା କହ୍ନାଇଁ ଚରଣ ଡାଙ୍ଗ ଯୋଗଦେଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ ଦେଶବାସୀ ପାଇ ପାରିଛନ୍ତି ବୋଲି କହିଥିଲେ। ଏହାଛଡା ଜିଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ବେକାରୀ ସମସ୍ୟା, ଅଭାବୀ ଧାନ ବିକ୍ରି, ଡାକ୍ତର ଅଭାବ ଆଦି ଉପରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରେମାନନ୍ଦ ମିଶ୍ର, ମାଗୁଣି ଗାଇଗୌରୀଆ, ଅନୁଜା ଦୀପ, ମନୋରଞ୍ଜନ ଦାସ, ଯୁଗଳ ସାହୁ, ସୁଶାନ୍ତ ବାଘ, ବିଶିକେଶନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ବନମାଳୀ ରଣା, ରବି ଦେଓ, ମୀନାରାଣୀ ମିଶ୍ର, ଦୀପିକା ନାୟକ, ବାସୁଦେବ ବାରିକ ପ୍ରମୁଖ ଯୋଗ ଦେଇଥିଲେ।

# ମେଗା ପ୍ରାଣୀ ଚିକିତ୍ସା ଶିବିର

ବାଉଁଶୁଣୀ,୯।୨(ଡି.ଏନ.ଏ.)

ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅନ୍ତର୍ଗତ ବାଉଁଶୁଣୀ ପ୍ରାଣୀ ଚିକିତ୍ସାଳୟ ଅଧୀନସ୍ଥ କୁଲୁତାଖଲି ଗ୍ରାମରେ ମେଗା ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ଡା. ପ୍ରିୟବ୍ରତ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଦୀପ୍ତ କୁମାର ରଥ ଓ ସମ୍ମାନିତ ଅତିଥି ଭାବେ ମୁଣ୍ଡିପଦର ସରପଞ୍ଚ ସୁରୁଚି ଧଳ ଯୋଗ ଦେଇଥିଲେ। ଜିଲା ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡା ହୃଷୀକେଶ ବେହେରା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଭାସ କୁମାର ବେହେରା,ବାଉଁଶୁଣୀ ପ୍ରାଣୀ ଚିକିତ୍ସକ ଡା. ବେହେରା ଓ ବୌଦ୍ଧ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସିକ ଡା. ସୋନାଲି ରାଉତ ଯୋଗଦେଇ ଶିବିରରେ ପ୍ରାଣୀଗୁଡିକର ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା କରିଥିଲେ। ଶିବିରରେ ୧୮୧ ଗୋଟି ଗାଈ, ବଳଦଙ୍କୁ ଗଳା ଫୁଲା ଟିକା, ୧୭୪ ଗୋଟି ଛେଳି ମେଣ୍ଢାଙ୍କୁ ପିପିଆର ଟିକା ଦିଆଯିବା ସହ କୃମି ଔଷଧ ଓ ଅନ୍ୟାନ୍ୟ ଦରକାରୀ ଔଷଧ ବିତରଣ କରାଯାଇଥିଲା। ଶିବିରରେ ଯୋଗଦେଇ କୁଲୁତାଖଲି, ଗୋଛାପଡା,, ବଡ଼ଖଲିଗାଁ, ପଲସାପାଟ, କିରାସିରା ଆଦି ୬ଟି ଗ୍ରାମର ଶତାଧିକ ଚାଷୀ ଉପକୃତ ହୋଇଥିଲେ। ଏହି ଅବସରରେ ଚାଷୀମାନଙ୍କୁ ନେଇ ଏକ ସଚେତନତା ସଭା ହୋଇଥିଲା। ଯେଉଁଥିରେ ପ୍ରାଣୀର ବିଭିନ୍ନ ସଂକ୍ରାମକ ରୋଗ ନିୟନ୍ତ୍ରଣ, ଗୋ ପ୍ରଜନନ ଜନିତ ସମସ୍ୟାର ନିରାକରଣ ଓ ସବୁଜ ଘାସ ଚାଷ ଆଦି ବିଷୟରେ ଚାଷୀମାନଙ୍କୁ ସଚେତନ କରାଯିବା ସହିତ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ସଚ୍ଚିଦାନନ୍ଦ ଖମାରୀ ପ୍ରାଣୀଧନ ନିରୀକ୍ଷକ ଦହ୍ୟା, ସୌଭାଗ୍ୟ ପ୍ରଧାନ ପ୍ରାଣୀଧନ ନିରୀକ୍ଷକ ମୁଣ୍ଡାପଡ଼ା, ରଞ୍ଜନ ବାଘ ପ୍ରାଣୀଧନ ନିରୀକ୍ଷକ ସାହାଜପାଲ ଙ୍କ ସମେତ ମୁଣ୍ଡାପଡ଼ା ପ୍ରାଣୀ ମିତ୍ର ମଞ୍ଜୁବାଳା ଉର୍ମା, ତେଲିବନ୍ଧ ପ୍ରାଣୀ ମିତ୍ର ନଗେଶ ସାହା, ଗୋ ସ୍ୱେଚ୍ଛାସେବୀ ବିକୁ ଭୋଇ,ସିକୁନ ପ୍ରଧାନ, ସୁଶାନ୍ତ ସେଠୀ, ସୁରଥ ପଡ଼ିଆରୀ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଚିକିତ୍ସାଧିକାରୀ ଓ ଅନ୍ୟମାନେ।

# ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ କଠିନ ପରିଶ୍ରମ ଲୋଡ଼ା

ସୋନପୁର,୯।୨(ନି.ପ୍ର.)

ଛାତ୍ର ସମାଜ କାନ୍ଧରେ ଦେଶର ଭବିଷ୍ୟତ। ତେଣୁ ଛାତ୍ରୀଛାତ୍ର ଶ୍ରେଷ୍ଠ ହେବା ପାଇଁ ପ୍ରୟାସ କରିବାଦରକାର। ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ ଜାରି ଜରୁରୀ। ଏଥିସହସଫଳତା ପାଇଁ ଗୁଣାତ୍ମକ ଓ ସଂସ୍କାରିତ ଶିକ୍ଷା ମଧ୍ୟ ଆବଶ୍ୟକ। କାରଣ ଗୁଣାତ୍ମକ ଶିକ୍ଷା ବିକାଶର ମୂଳ ଆଧାର ବୋଲି ସୁବର୍ଣ୍ଣପୁର ଜିଲାର ସର୍ବ ପୁରାତନ ମହାରାଜା ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇଅତିଥିମାନେ ଉପରୋକ୍ତମତବ୍ୟକ୍ତ କରିଛନ୍ତି।

ମହାରାଜା ହାଇସ୍କୁଲ ଶତବାର୍ଷିକୀ ସମ୍ମିଳନୀ କକ୍ଷରେ ଗୁରୁବାର ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ ମହାରାଜା ହାଇସ୍କୁଲ ଓଡିଶାର ସବୁଠାରୁ ପୁରାତନ ଶିକ୍ଷାନୁଷ୍ଠାନ ମଧ୍ୟରୁ ଅନ୍ୟତମ। ଏହି ଶିକ୍ଷାନୁଷ୍ଠାନର ବିକାଶ ଓ ଉତ୍ତମ ଶିକ୍ଷା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପଣ୍ଡା ଯୋଗଦେଇକହିଥିଲେ ଉତ୍ତମ ଶିକ୍ଷା



ସୋନପୁର ମହାରାଜା ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଏକ ଜାତି ଓ ସମାଜକୁ ଆଗକୁ ନିଏ। ଶିକ୍ଷାୟତନ ରୁ ସମାଜ ପ୍ରତି ନାଗରିକର କଣ କର୍ତ୍ତବ୍ୟ ସେ ଶିକ୍ଷା ମିଳେ। ଅନ୍ୟାୟକୁ ବିରୋଧ କରିବା ପାଇଁ ଆତ୍ମବିଶ୍ୱାସ ସୃଷ୍ଟି ହୁଏ। ତେଣୁ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ମିଳିବା ଆବଶ୍ୟକ। ସେହିଭଳି ଖେଳକୁଦ ସହିତ ବୌଦ୍ଧିକ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଉଚିତ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆଶିଷ ରଞ୍ଜନ ରଥ ସ୍ୱାଗତ ଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଅନୁଲିତା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମହାରାଜା ହାଇସ୍କୁଲ ପୁରାତନ ଛାତ୍ର ସଂସଦର ସଭାପତି ତଥା ମୋ ସ୍କୁଲ ଅଭିଯାନର ଅଧ୍ୟକ୍ଷ ଗୋରେଖନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାନୁଷ୍ଠାନର ପୂର୍ବ ଗୌରବ ସମ୍ପର୍କରେ ଆଲୋଚନା କରିବା ସହିତ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୟଦ ଅଲ୍ଲି ଖାନ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଜିଲାପାଳ ଓ ଏସ୍‌ପି ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ଦେବେନ୍ଦ୍ର ଖମାରୀ, ନିରଞ୍ଜନ ତ୍ରିପାଠୀ, ଶିବଦତ୍ତ ଚାନ୍ଦ ଓ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଝସକେତନ ମେହେର ଏବଂ ସସ୍ମିତା ଦେହେରୀଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଜୟନ୍ତୀ କୁମାର ମେହେର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଜଲିତା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା ଅଫିସ, ୯।୨ :** ରାଉରକେଲା ଅବକାରୀ ବିଭାଗ ଗୁରୁବାର ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଉରକେଲା ବେଦବ୍ୟାସର ରାହୁଲ ଯାଦବ(୪୦)। ତାଙ୍କଠାରୁ ୨୬କେଜି ଗଞ୍ଜେଇ, କାର୍ (ନଂ.ଓଡ଼ି୧୪ଏସ୍/୨୮୦୨) ଜବତ କରାଯାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧିକ୍ଷକ ଶେଖ ଅସରଫ ଅଲ୍ଲୀ ସୂଚନା ଦେଇଛନ୍ତି।

### ଇ-ଲାଇବ୍ରେରି, ମଧୁବାବୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ



**ରାଉରକେଲା ଅଫିସ, ୯।୨:** ରାଉରକେଲା ଉଦିତନଗର ସ୍ଥିତ ବାଣିଜ୍ୟକର ଭବନ ନିକଟ ରାଉରକେଲା ଟ୍ୟାକ୍ସ ବାର୍ ଆସୋସିଏଶନର ଇ-ଲାଇବ୍ରେରୀ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଛି। ଏହି ଅବସରରେ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଇ-ଲାଇବ୍ରେରୀ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତିର ଲୋକାର୍ପଣ କରିଥିଲେ। ସମାରୋହରେ ରାଉରକେଲା ଟ୍ୟାକ୍ସ ବାର ଆସୋସିଏଶନ ସାଧାରଣ ସମ୍ପାଦକ ଚଞ୍ଚଳ କେଡିଆ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଆସୋସିଏଶନ ସଭାପତି ରାମକୃଷ୍ଣ ମିଶ୍ର, ସମ୍ପାଦକ ପବିତ୍ର ମୋହନ ପଧାନ, ଉପସଭାପତି ପ୍ରଦୀପ୍ତ କୁମାର ରାଉତ ଓ ସୁନ୍ଦରଗଡ ଟେରିଟୋରିଏଲ୍ ସିଟି ଆଣ୍ଡ ଜିଏସ୍‌ଟି ଅତିରିକ୍ତ ଆୟୁକ୍ତ ଅନନ୍ତ ଚରଣ ମଲ୍ଲିକ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦାନ ଦେଇଥିଲେ। ଏହି ଅବସରରେ ଆସୋସିଏଶନ କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା।

# ସୋସିଆଲ ମିଡିଆରେ ପୋଷ୍ଟକରି ବିଧାୟକ ହେବାର ସ୍ୱପ୍ନ

**ଦେବଗଡ଼, ୯।୨(ଡି.ଏନ୍.ଏ.)**

ଫେସ୍ ବୁକ, ହ୍ୱାଟ୍ସଆପ, ୟୁଟୁବ ଆଦି ସୋସିଆଲ ମିଡ଼ିଆରେ ପ୍ରତ୍ୟେକ ଦିନ କିଛି ନା କିଛି ପୋଷ୍ଟ କରି ଦେବଗଡ଼ ଜିଲା ତଥା ସହରର କେତେକ ନେତା, କର୍ମୀ ସିଧାସଳଖ ବିଧାୟକ ହେବାର ସ୍ୱପ୍ନ ଦେଖୁଛନ୍ତି। ଯାହା ବର୍ତ୍ତମାନ ଦେବଗଡ଼ରେ ବେଶ୍ ଆଲୋଚନାର ବିଷୟ ହୋଇଛି। ସୋସିଆଲ ମିଡ଼ିଆରେ ସମ୍ପୃକ୍ତ ନେତା, କର୍ମୀମାନେ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି। କିନ୍ତୁ କେମିତି ଉକ୍ତ ସମସ୍ୟାର ସମାଧାନ ହେବ ସେନେଇ କେହି ଚିନ୍ତା କରୁନାହାନ୍ତି। କେବଳ ପୋଷ୍ଟ କରି ସମସ୍ତେ ଚୁପ୍ ହୋଇ ବସିପଡୁଛନ୍ତି। କିଛି କାମ ହାସଲ କରିବାକୁ ହେଲେ ଗଣତାନ୍ତ୍ରିକ ସମ୍ବିଧାନ ବ୍ୟବସ୍ଥାରେ ଧାରଣା, ଆନ୍ଦୋଳନ, ଅନଶନ, ଏମିତି ବହୁତ କିଛି ଉପାୟ କରିବାକୁ ପଡିଥାଏ। ହେଲେ ସେ ସବୁ କରୁଛି କିଏ ? କେବଳ ସୋସିଆଲ ମିଡିଆରେ ଲେଖିଦେଲେ କାମ ସରିଲା। ଅନ୍ୟପକ୍ଷରେ ହ୍ୱାଟ୍ସଆପରେ ଗ୍ରୁପ କରି ବିଭିନ୍ନ ଲୋକଙ୍କୁ ଆଡକରି ଦେବଗଡ଼ ବଦଳାଇ ଦେବା କଥା କହୁଛନ୍ତି। କିନ୍ତୁ କିଛି କାମକୁ ନାହିଁ। ସେ ଗ୍ରୁପରେ କିଛି ମାସ ପରେ ଖାଲି ଗୁଡ୍‌ମର୍ଣ୍ଣିଂ, ଗୁଡ୍ ନାଇଟ୍ ଓ ବିଭିନ୍ନ କାର୍ଯ୍ୟକ୍ରମର ଶୁଭେଚ୍ଛା ମେସେଜ ଦେଖିବାକୁ ମିଳୁଛି। ଖାଲି ଏତିକି ନୁହେଁ, ବିଭିନ୍ନ ନୂଆ ସଙ୍ଗଠନ ତିଆରି କରି କିଛି ଦିନ ସେବା, ସଫେଇ କାମ କରିଦେଇ ସୋସିଆଲ ମିଡ଼ିଆରେ ଛାଡ଼ି ପ୍ରଚାର କରୁଛନ୍ତି। ବିଭିନ୍ନ ଖବରକାଗଜରେ ନାମ ବାହାର୍ କରିସାରିଲା ପରେ ସବୁ କାର୍ଯ୍ୟକ୍ରମ ବନ୍ଦ ହୋଇଯିବା ଦେଖିବାକୁ ମିଳୁଛି। ଆଉ କେତେକ ନେତା,କର୍ମୀ ପ୍ରଶାସନକୁ ଦାବିପତ୍ର ଦେଇ ଚୁପ୍ ରହୁଥିବାବେଳେ କେତେଜଣ ନେତାନେତ୍ରୀ ଦେବଗଡ଼ ଜିଲାରେ କିଛି ଉନ୍ନତିମୂଳକ କାର୍ଯ୍ୟ ହେଲା ମାତ୍ରେ ଆମେ କରିଛୁ କହି ବାଃ ବାଃ ନେଉଛନ୍ତି। ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ଦେଖିବାକୁ ମିଳିଛି। ଏହିପରି କାମ ଜିଲାରେ ବିଭିନ୍ନ ଦଳର ଯୁବ ନେତା ଓ କର୍ମୀମାନେ କରୁଥିବାରୁ ଜିଲାର ଉନ୍ନତି

**ଦେବଗଡ଼ର ରାଜନୀତି ହାଲଚାଲ**

- ଫେସ୍‌ବୁକ୍‌ରେ ଚାଲିଛି ଦେବଗଡ଼ର ଉନ୍ନତି
- ଜିଲାରେ ଚାଲିଛି ଠିକା ରାଜନୀତି
- କାମ କରିବା ଇଚ୍ଛା ନାହିଁ, ନେତା ହେବା ଇଚ୍ଛା
- ଅତିଥି ହେବା ପାଇଁ ନେତା,କର୍ମୀଙ୍କ ଲବି

କେବେ ହୋଇପାରୁନି। ଜିଲାର ଉନ୍ନତି ହୃଦୟରୁ କେହି ଚାହୁଁ ନ ଥିବା ପରି ଅନୁଭବ ହେଉଛି। ଖାଲି କେମିତି ପଦପଦବୀ ପାଇଯିବେ ସେଇଟା ଚିନ୍ତା। ଯିଏ କେବେ ଗୋଟିଏ ୱାର୍ଡମେମ୍ବରରେ ବି ଛିଡା ହୋଇ ଜିତି ନାହାନ୍ତି ସିଏ ବି ବିଧାୟକ ହେବାର ସ୍ୱପ୍ନ ଦେଖୁଛନ୍ତି। ଏପରିକି କିଛି ନେତା କର୍ମୀ ବିଭିନ୍ନ ଖେଳ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅତିଥି ହେବା ପାଇଁ ଲବି କରୁଛନ୍ତି। ଅତିଥି ହୋଇଗଲେ ନିଜ ଗାଡି ଡିକିରେ ନିଜ ପାଇଁ ଫୁଲମାଳ ନେଉଥିବା ଓ ଲୋକଙ୍କୁ ସେଟିଂକରି ମାଳ ପିନ୍ଧି ସଙ୍ଗେ ସଙ୍ଗେ ଫେସ୍‌ବୁକରେ ଅପ୍‌ଲୋଡ କରୁଥିବା ବି ନଜରରେ ଆସିଛି। କୌଣସି ପଦପଦବୀ ନ ପାଇ ମଧ୍ୟ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନମାନଙ୍କରେ ବୁଲି ତଦାରଖ କରିବା ସହିତ ନିର୍ଦ୍ଦେଶ ଦେବା ଫେଶବୁକ୍‌ରେ ପୋଷ୍ଟ ହେଉଛି। ଉକ୍ତ ପୋଷ୍ଟକୁ ଦେଖି ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି। ଜିଲାରେ ବିଭିନ୍ନ ସମୟରେ ଠିକା କରିବା ପାଇଁ ମାଡପିଟ ଝଗଡ଼ା ହେଉଛନ୍ତି। ଏପଟେ ଯେଉଁ ନେତାମାନେ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି ସେମାନେ ନିଜ ପେଟ କଥା କେବଳ ଚିନ୍ତା କରୁଛନ୍ତି। ଜିଲାବାସୀ ତଥା ସହରବାସୀଙ୍କ କଥା କିଏ ପଚାରେ। ଏସବୁ ଶସ୍ତା ରାଜନୀତି ଛାଡି ସମସ୍ତେ ନିଃସ୍ୱାର୍ଥ ଭାବରେ ଯଦି କାମ କରିବେ ତେବେ ଜିଲା ଏକ ନମ୍ବର ସ୍ଥାନ ପାଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ସୁନ୍ଦରଗଡ଼ ବିଜେଡି ପକ୍ଷରୁ ନବଙ୍କ ତୈଳଚିତ୍ର ପ୍ରଦାନ



ସ୍ୱର୍ଗୀୟ ନବ ଦାସଙ୍କ ତୈଳ ଚିତ୍ର ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯାଉଛି।

**ସୁନ୍ଦରଗଡ଼,୯।୨(ଡି.ଏନ.ଏ. )**

ଝାରସୁଗୁଡାର ପୂର୍ବତନ ବିଧାୟକ ତଥା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ଦଶାହ ଓ ଗଙ୍ଗାଭୋଜି ଅବସରରେ ଗୁରୁବାର ସୁନ୍ଦରଗଡ଼ ବିଜେଡି ତରଫରୁ ନବଙ୍କ ତୈଳଚିତ୍ର ତାଙ୍କ ପରିବାରକୁ ପ୍ରଦାନ କରାଯାଇଛି। ବିଜେଡ଼ି ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ଯୁବନେତା ଏମ୍‌ଡି କଲିମ ପ୍ରମୁଖ ସ୍ୱର୍ଗୀୟ ଦାସଙ୍କ ସରବାହାଲ ସ୍ଥିତ ବାସଭବନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଗଭୀର ସମବେଦନା ଜଣାଇବା ସହିତ ସ୍ୱର୍ଗୀୟ ଦାସଙ୍କ ଏକ ତୈଳ ଚିତ୍ର ପ୍ରଦାନ କରିଥିଲେ।

# ପ୍ରକୃତି ପ୍ରେମୀ ଶିକ୍ଷକଙ୍କ ପରିବେଶ ସୁରକ୍ଷା ଉଦ୍ୟମ

**କୁତ୍ରା, ୯।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର କୁତ୍ରା ବ୍ଲକ ଅଞ୍ଚଳରେ ଏମିତି ବିଦ୍ୟାଳୟ ଅଛି ଯାହାର ସୁନ୍ଦର ପ୍ରକୃତି ଓ ପରିବେଶ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟକୁ ଟାଣି ଆଣେ। ଏହି ବିଦ୍ୟାଳୟର ଜଣେ ଶିକ୍ଷକ ପ୍ରକୃତିପ୍ରେମୀ ଭାବେ ପରିଚିତ ହୋଇଥିବାବେଳେ ସେ ପରିବେଶ ସୁରକ୍ଷା ପାଇଁ ଲାଗିପଡ଼ିଛନ୍ତି। ଏହି ବିଦ୍ୟାଳୟ ହେଉଛି, କୁତ୍ରା ସରକାରୀ ଉଚ୍ଚବିଦ୍ୟାଳୟ। ଏହାର ସୁନ୍ଦର ପ୍ରାକୃତିକ ପରିବେଶ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସବୁଜ ବାହିନୀ ଓ ପ୍ରକୃତିପ୍ରେମୀ ଶିକ୍ଷକ ବିଭୀଷଣ ବାରିକଙ୍କ ପ୍ରଚେଷ୍ଟା ଯୋଗୁ ଏହି ବିଦ୍ୟାଳୟ ସମଗ୍ର ଜିଲା ତଥା ରାଜ୍ୟର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠିତ ହୋଇପାରିଛି। ୧୫ ବର୍ଷ ତଳେ ସେ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ସେଠାରେ ଏକ ସୁନ୍ଦର ଇକୋ ପାର୍କ ନିର୍ମାଣ କରିଥିଲେ। ଶହଶହ ପ୍ରଜାତିର ବିଭିନ୍ନ ବୃକ୍ଷରୋପଣ ପୂର୍ବକ ଅନୁଷ୍ଠାନର ଚତୁଃର୍ଦ୍ଦିଗରେ ସବୁଜ ବଳୟ ସୃଷ୍ଟି କରିପାରିଥିଲେ। କେବଳ ତାଙ୍କରି ପ୍ରଚେଷ୍ଟା ଯୋଗୁ ଅନୁଷ୍ଠାନଟି ପ୍ରକୃତିମିତ୍ର ସାଙ୍ଗକୁ ଗ୍ରୀନସ୍କୁଲ ପୁରସ୍କାର ବି ଲାଭ କରିପାରିଛି। ପ୍ରକୃତିପ୍ରେମୀ ଏହି



ପ୍ରକୃତିପ୍ରେମୀ ଶିକ୍ଷକ ବିଦ୍ୟାଳୟରେ ସୁନ୍ଦର ପରିବେଶ ସୃଷ୍ଟି କରିଛନ୍ତି।

ନିଆରା ଶିକ୍ଷକ ଜଣକ ଛୁଟି ଦିନରେ ବି ନିଜର ଅବଶିଷ୍ଟ ସମୟ ପିଲାଙ୍କୁ ପ୍ରକୃତି ଓ ପରିବେଶ ସୁରକ୍ଷା ଦିଗରେ ସଚେତନ କରିଥାନ୍ତି। ମାନବ ସେବା,ବନ୍ଧୁତା, ଉତ୍ତମ ସ୍ୱାସ୍ଥ୍ୟ ବିଷୟରେ କହିଥାନ୍ତି। ତାଙ୍କର ଏପରି କାର୍ଯ୍ୟ ପାଇଁ ତତ୍କାଳୀନ ଗଣଶିକ୍ଷା କମିଶନର ଅପରାଜିତା ଷଡଙ୍ଗୀ କୁତ୍ରା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କାଳରେ ତାଙ୍କୁ ଆଦର୍ଶ ଶିକ୍ଷକ ଭାବେ ପରିଚୟ ଦେଇଥିଲେ। ଛାତ୍ରବତ୍ସଳ ଏହି ଶିକ୍ଷକଜଣଙ୍କ ରାଜ୍ୟ ସରକାରଙ୍କ ତରଫରୁ ୨୦୧୫ରେ ରାଜ୍ୟସ୍ତରୀୟ ସମ୍ମାନ ସହ ପ୍ରକୃତି ବନ୍ଧୁ ସମ୍ମାନ, ଆଦର୍ଶ ଶିକ୍ଷକ ସମ୍ମାନ, ବିଜୁ ଜନ୍ମ ଶତବାର୍ଷିକୀ ସମ୍ମାନ, ଶ୍ରେଷ୍ଠ ଆୟୋଜକ ଓ ଶ୍ରେଷ୍ଠ କାଉନସିଲର ସମ୍ମାନ, ସ୍ୱାମୀ ବ୍ରହ୍ମାନନ୍ଦ ଓ ସ୍ୱାମୀ ରାମଦେବ ସମ୍ମାନ ତଥା ରକ୍ତଦାନ ପ୍ରୋତ୍ସାହକ ସମ୍ମାନ ଆଦି ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଶିକ୍ଷକ ଜଣକ ପିଲାଙ୍କ ପାଇଁ ସବୁ ସମୟ ଉତ୍ସର୍ଗ କରିଆସୁଥିବା ସହ ଛୁଟିଦିନରେ ନିଜର ଅବଶିଷ୍ଟ ସମୟ ପ୍ରକୃତି କୋଳରେ କଟାଇ ପିଲାଙ୍କୁ ପ୍ରକୃତିର ସୁରକ୍ଷା, ପରିବେଶ ସୁରକ୍ଷା ଦିଗରେ ଶିକ୍ଷାଦାନ କରିଥାନ୍ତି। ପାଠପଢ଼ା ସହ ପିଲାଙ୍କୁ ପରିବେଶ ସୁରକ୍ଷା ପାଇଁ ବାରମ୍ବାର ପ୍ରେରଣା ଦେଇଥାନ୍ତି। ପ୍ରକୃତିପ୍ରେମୀ ଶିକ୍ଷକ ଜଣକ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ ଜାରି ରଖିଛନ୍ତି।

# ଆମ୍ବୁଲାନ୍ସ କର୍ମଚାରୀଙ୍କ ଯୋଗୁ ବାଳକର ଜୀବନ ରକ୍ଷା

**ଦେବଗଡ଼, ୯।୨(ଡି.ଏନ୍.ଏ.)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ସମୟୋପଯୋଗୀ ପଦକ୍ଷେପ ଯୋଗୁ ସିକିଲସେଲ ରୋଗରେ ପୀଡ଼ିତ ଓମପ୍ରକାଶ ବେହେରା ନାମକ ଜଣେ ୧୩ ବର୍ଷୀୟ ବାଳକଙ୍କ ଜୀବନ ବଞ୍ଚିପାରିଛି। ଓମ ଗୁରୁତର ଅବସ୍ଥାରେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତୁରନ୍ତ ରକ୍ତର ଆବଶ୍ୟକତା ପଡ଼ିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ପରିବାର ଲୋକେ ଆବଶ୍ୟକତା ପାଇଁ ୦+ ରକ୍ତ ପାଇଁ ରେଡକ୍ରସ ରକ୍ତ ଭଣ୍ଡାରକୁ ଯାଇଥିଲେ। ହେଲେ ସେହି ସମୟରେ ରକ୍ତ ଗଚ୍ଛିତ ନ ଥିବାରୁ ପରିବାର ଲୋକେ ହତାଶ ହୋଇ ପଡ଼ିଥିଲେ। ଏହି ସମୟରେ ସେଠାରେ ୧୦୮ ଆମ୍ବୁଲାନ୍ସ ନେଇ ଆସିଥିବା ପପୁ ସାହୁ ନାମକ ଜଣେ ବ୍ୟକ୍ତି ତାଙ୍କର ସମାନ ଗ୍ରୁପ ରକ୍ତଥିବା ପ୍ରକାଶ କରିଥିଲେ। ପରେ ମାନବିକତା ପ୍ରଦର୍ଶନ ପୂର୍ବକ ସ୍ୱେଚ୍ଛାକୃତ ରକ୍ତଦାନ କରି ପପୁ ନିଷ୍ପାପ ପିଲାର ଜୀବନ ରକ୍ଷା କରିଥିଲେ। ଏହି ଘଟଣା ପରେ ଆମ୍ବୁଲାନ୍ସ କର୍ମଚାରୀ ପପୁଙ୍କୁ ବିଭାଗୀୟ ଅଧିକାରୀ ଓ ବହୁ ଜନସାଧାରଣ ପ୍ରଶଂସା କରିଛନ୍ତି।

# ଦିଲ୍ଲୀ ପରେଡ଼ରେ ଭାଗନେଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଛାତ୍ରୀ ମୋନାଲିସା କୁଲୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**କୁତ୍ରା, ୯।୨(ଡି.ଏନ୍.ଏ.)**

ଗତ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ରାଜପଥରେ ହୋଇଥିବା ପରେଡ଼ରେ ଭାଗ ନେଇଥିବା କୁତ୍ରା ଡାଲମିଆ ମହାବିଦ୍ୟାଳୟର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୭୪ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦିଲ୍ଲୀ ଲାଲକିଲା ରାଜପଥଠାରେ ହୋଇଥିବା ପରେଡ଼ରେ ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଝାରବେଡାଠାରେ ଥିବା ଡାଲମିଆ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡଟ ଛାତ୍ରୀ ମୋନାଲିସା କୁଲୁ ଭାଗନେଇ ଚମତ୍କାର ଭାବରେ ପରେଡ଼ କରିଥିଲେ। ତେବେ ସେ ଦିଲ୍ଲୀରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଗୁରୁବାର ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ଅଧକ୍ଷା ଡ଼. ହିରନ ଲୁଗୁନ, ଏନସିସି ମାଷ୍ଟର ଏମଡି ହମିଦଙ୍କ ସହିତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଏନ୍‌ସିସି ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଯୁବ ରେଡକ୍ରସ କର୍ମଶାଳା



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୯।୨**

ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ଜିଲାସ୍ତରୀୟ ଯୁବ ରେଡକ୍ରସର ୩ ଦିନିଆ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଛି। କଲେଜ ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ ମୁଖ୍ୟଅତିଥି, ଜିଲା ଆବାହକ ପ୍ରଫେସର ପିତାମ୍ବର ବେହେରା ଓ ଜିଲା ସଂଯୋଜକ ପ୍ରଫେସର ସୁମନ୍ତ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମାନବ ସେବା ହିଁ ମାଧବ ସେବା। କାହା ପ୍ରତି ବାଛ ବିଚାର ନ ରଖି ସର୍ବଦା ସେବା ମନୋଭାବ ରଖି ଦୁଃଖି, ରୋଗୀଙ୍କ ସେବା କରିବା ହିଁ ଶିକ୍ଷିତ ମଣିଷର ମୁଖ୍ୟ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ରାଉରକେଲା କଲେଜ ରେଡକ୍ରସର ପ୍ରଫେସର ରଶ୍ମୀରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ବୈଜୟନ୍ତୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୩୬ଟି ଶିକ୍ଷାନୁଷ୍ଠାନର ୧୫୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କର୍ମଶାଳା ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ।

# ଗଞ୍ଜେଇ ଜବତ: ଜଣେ ଗିରଫ

**ହେମଗିର,୯।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଟପରିଆଠାରୁ ହେମଗିର ଅବକାରୀ ବିଭାଗ ତରଫରୁ ଗୁରୁବାର ଚଢ଼ାଉ କରାଯାଇ ୫କେଜି ୬୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହା ସହିତ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଟପରିଆ ଗ୍ରାମର ଧବଳେଶ୍ୱର ସା (୪୯)।

# ଲୁଟ୍ ମୋବାଇଲ ଜବତ କଲା ରାଜଗାଙ୍ଗପୁର ପୋଲିସ

**ରାଜଗାଙ୍ଗପୁର, ୯।୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ୨ଦିନ ଧରି କ୍ରମାଗତ ଲୁଟ୍‌ର ଲୁଟେରାଙ୍କୁ ରାଜଗାଙ୍ଗପୁର ପୋଲିସ ଗିରଫ କରି ତାଙ୍କ ଠାରୁ ମୋବାଇଲ ଜବତ କରି ଲୁଟ୍ ହୋଇଥିବା ମହିଳାଙ୍କୁ ସମର୍ପଣ କରିଛି। ରାଜଗାଙ୍ଗପୁର ପୋଲିସ ଏହି ଘଟଣାରେ ଏକ ପ୍ରେସ୍ ରିଲିଜ କରି ପ୍ରକାଶ କରିଛନ୍ତି ଯେ, ମଙ୍ଗଳବାର କାଂଶବାହାଲ ଅଞ୍ଚଳରୁ ସବିତା ମିଞ୍ଜ ସାଇକେଲ ଯୋଗେ ଯାଉଥିବା ସମୟରେ ଏକ ମୋଟରସାଇକେଲ ନଂ. ଓଆର ୧୪



ଜବତ ମୋବାଇଲ ପୋଲିସ ଲୋକଙ୍କୁ ଫେରାଉଛନ୍ତି।

ଏନ୍ ୫୬୦୨ରେ ଦୁଇଜଣ ଲୁଟେରା ଆସି ତାଙ୍କଠାରୁ ୨୨୫୦ ଟଙ୍କା ଓ ମୋବାଇଲ ଲୁଟି ନେଇଥିଲେ। ବୁଧବାର ରାଣିବନ୍ଧ ବାଇପାଶ ନିକଟରେ ରିମା ଲାକ୍ରା ଓ ଅନିତା ଲାକ୍ରାଙ୍କଠାରୁ ଦୁଇଟି ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ରାଜଗାଙ୍ଗପୁର ଭଗତଟୋଲା ଗ୍ରାମର ଶକ୍ତି ନାଗ ଗିରଫ ହେବା ସହ ତାଙ୍କଠାରୁ ମୋବାଇଲ,ଅନ୍ୟ କାଗଜପତ୍ର ଓ ଲୁଟ୍‌ରେ ବ୍ୟବହାର କରୁଥିବା ମୋଟରସାଇକେଲ ଜବତ କରାଯାଇଛି। ୩ଟି ଯାକ ମୋବାଇଲ ଓ କାଗଜପତ୍ର ମହିଳାମାନଙ୍କୁ ସମର୍ପଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଅଛନ୍ତି। ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ୍ପ ପ୍ରଧାନ, କାଂଶବାହାଲ ଫାଣ୍ଡି ଅଧିକାରୀ ଖଗପତି ବିଶ୍ୱାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇଥିବା ଯୋଗୁ ପ୍ରଶଂସା ପାଇଛନ୍ତି।

# ଦେବଗଡ଼ ରାଇଜିଂ ଷ୍ଟାର୍ ବିଜୟୀ

**ଦେବଗଡ଼, ୯।୨ (ଡି.ଏନ୍.ଏ.)**

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଇନ୍ଦିରାଗାନ୍ଧି ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପଞ୍ଚମ ଦିନ ମ୍ୟାଚରେ ଦେବଗଡ଼ ରାଇଜିଂ ଷ୍ଟାର୍ ବିଜୟୀ ହୋଇଛି। ଫ୍ରେଣ୍ଡ୍ସ କ୍ଲବ ବୁଢ଼ାପାଳ ବନାମ ରାଇଜିଂ ଷ୍ଟାର୍ ଦେବଗଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇଜିଂ ଷ୍ଟାର୍ ଦେବଗଡ଼ ଦଳ ଫ୍ରେଣ୍ଡ୍ସ କ୍ଲବ ବୁଢ଼ାପାଳ




ଆଶିଷ ପରିଜାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

**ଆନ୍ତଃଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ**

ଦଳକୁ ୩ ଉଇକେଟରେ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରଥମେ ବୁଢ଼ାପାଳ ଦଳ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭର୍‌ରୁ ୨୭ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୨୨୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ରାଇଜିଂ ଦଳ ୨୯.୩ ଓଭରରେ ୭ ଉଇକେଟ ହରାଇ ୨୨୨ ରନ୍ କରିଥିଲା। ମ୍ୟାଚରେ ରାଇଜିଂ ଦଳର ଆଶିଷ ପରିଜାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳରେ ଦିଲୁ ଦସଭାୟା ଓ ଗୁରୁଦୀପ ସିଂହ ଅମ୍ପାୟାର ରହିଥିବାବେଳେ ରୋମି ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରିକେଟ ସଂଘର ସମ୍ପାଦକ ସୁଜିତ ପ୍ରଧାନ, (ଟିଙ୍କିନା) ପ୍ରଦୀପ କୁମାର ମହାପାତ୍ର, ବେଣୁଧର ଗଡନାଏକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ।

# ମାନବିକତାର ପରିଚୟ ଦେଲେ ପୋଲିସ ଅଧିକାରୀ

**ଲହୁଣୀପଡ଼ା, ୯।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର ଜଣେ ପୋଲିସ ଅଧିକାରୀ ମାନବିକତାର ପରିଚୟ ଦେଇଛନ୍ତି। ସେ ହେଲେ ମହୁଲପଦା ଥାନା ଅଧିକାରୀ ସୁଦର୍ଶନ ଦେହୁରୀ। ଲହୁଣୀପଡା ବ୍ଲକ ଭୁଟୁଡା ପଞ୍ଚାୟତର ତିଲକୁଦା ଗ୍ରାମର ରଞ୍ଜନ ଦେହୁରୀ (୫୦)ଙ୍କ ଝିଅ ରଇ ଦେହୁରୀ (୬) ନିଆଁରେ ପୋଡ଼ିଯାଇଥିଲେ। ଥଣ୍ଡା ଦିନ ଥିବାରୁ ରଇ ତାର ସାନ ଭଉଣୀ ସସ୍ମିତା(୩ମାସ)କୁ ଧରି ନିଆଁ ତାପି ହେଉଥିବା ବେଳେ ହଠାତ ଦେହରେ ନିଆଁ ଲାଗିଯାଇଥିଲା ଫଳରେ ରଇର ବାମ ଜଙ୍ଘ ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଇତି ମଧ୍ୟରେ ତିନି ମାସ ବିତିଯାଇଥିଲେ ମଧ୍ୟ ତାକୁ ଘର ଲୋକେ ଡାକ୍ତରଖାନା ନ ନେଇ ଝଡାଫୁଙ୍କା କରୁଥିଲେ। ଫଳରେ କ୍ଷତ ସ୍ଥାନଟି ଭଲ ହେବା ପରିବର୍ତ୍ତେ ଆହୁରି ବଢ଼ିବାରେ ଲାଗିଲା। ଫଳରେ ଛୁଆଟି ଅଧିକରୁ ଅଧିକ କଷ୍ଟ ପାଉଥିଲା। ଛୁଆର କଷ୍ଟ ଦେଖି ସହି ନ ପାରି ସ୍ଥାନୀୟ ଲୋକେ ମହୁଲପଦା ଥାନା ଅଧିକାରୀ



ମହୁଲପଦା ଥାନା ଅଧିକାରୀ ସୁଦର୍ଶନ ଦେହୁରୀ ଓ ନିଆଁରେ ପୋଡ଼ି ଯାଇଥିବା ଶିଶୁ।

ସୁଦର୍ଶନ ଦେହୁରୀଙ୍କୁ ଖବର ଦେଇଥିଲେ। ଖବରପାଇ ଥାନା ଅଧିକାରୀ ଦେହୁରୀ ତାଙ୍କ ଘରକୁ ଯାଇ କୁନି ଝିଅର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଛୋଟ ଛୁଆର କଷ୍ଟ ଦେଖି ସହି ନ ପାରି ୧୦୮ ଆମ୍ବୁଲାନ୍ସକୁ ଡ଼କାଇ ଅଧିକ ଚିକିତ୍ସା ପାଇଁ ପ୍ରଥମେ ରାଉରକେଲା ସ୍ଥିତ ଜୟପ୍ରକାଶ ହସ୍ପିଟାଲକୁ ପଠାଇଥିଲେ। ମାତ୍ର ବାପାଙ୍କ ସ୍ୱାସ୍ଥ୍ୟକାର୍ଡରେ ଝିଅର ପଞ୍ଜିକରଣ ନ ଥିବାରୁ ତାକୁ ସେଠାରେ ରଖି ନ ଥିଲେ। ଫଳରେ ରାଉରକେଲାସ୍ଥିତ ସରକାରୀ ଡ଼ାକ୍ତରଖାନା (ଆରଜିଏଚ )ରେ ଭର୍ତ୍ତି କରି ଚିକିତ୍ସା କରିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ହେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଝିଅ ସୁସ୍ଥ ହେଲାଣି ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ପୂର୍ବରୁ ମଧ୍ୟ ଥାନା ଅଧିକାରୀ ମାନବିକତାର ପରିଚୟ ଦେଇ ଲୋକଙ୍କ ଆସ୍ଥାଭାଜନ ହୋଇଛନ୍ତି। ଗତ ୨୦୨୧।୨୨ରେ କୁଳିପୋଷ ରେଞ୍ଜ ଅଧିନରେ ଥିବା ଫୁଲଝର ଗ୍ରାମର ଗିନିଆ ଜଙ୍ଗଲରେ ହାତୀ ସହିତ ମୁହାଁମୁହିଁ ହେବା ଫଳରେ ହେମନ୍ତ ମୁଣ୍ଡାରୀ (୨୫) ନାମକ ଜଣେ ଯୁବକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ବିଡ଼ମ୍ବନାର ବିଷୟ ଯେ ହେମନ୍ତ ଅନ୍ୟ ଏକ ଜାତିର ଜଣେ ଯୁବତୀଙ୍କୁ ବିବାହ କରିଥିବାରୁ ଜାତି ସମାଜ ତାକୁ ବାରଣ କରିଥିଲେ। ତେଣୁ ଗ୍ରାମବାସୀ କିମ୍ବା ଜ୍ଞାତିକୁଟୁମ୍ବ କେହି ତାର ମୃତଦେହ ପାଖକୁ ଆସି ନ ଥିଲେ କି ଛୁଇଁ ମଧ୍ୟ ନ ଥିଲେ। ଦୀର୍ଘ ସମୟ ଧରି ମୃତଦେହ ପଡି ରହିବାରୁ ଶେଷରେ ମହୁଲପଦା ଥାନା ଅଧିକାରୀ ସୁଦର୍ଶନ ଦେହୁରୀ ଏବଂ ତାଙ୍କ ସହଯୋଗୀମାନେ ଏବଂ ବନ କର୍ମଚାରୀମାନେ ମୃତଦେହକୁ ନିଜ କାନ୍ଧରେ କାନ୍ଧେଇ ମସାଣିକୁ ନେଇ ସତ୍କାର କରିଥିଲେ।

